ନଂ. ୧୫୨....
ତା 17 JUL 1959



# ବିଜୁଳି ଓ ବଜ୍ର

ଶ୍ରୀ ଯତୀନ୍ଦ୍ର କୁମାର ମହାପାତ୍ର

# ବିଜୁଳି ଓ ବଜ୍ର

ଶ୍ରୀ ଯତୀନ୍ଦ୍ର କୁମାର ମହାପାତ୍ର

## ପ୍ରକାଶକ ମଣ୍ଡଳୀ

ଫ୍ଲୁରେଣ୍ଟ ପବ୍ଲିକେସନ୍ସ୍, ବ୍ରହ୍ମପୁର

ଶ୍ରୀ ପ୍ରଭାତ ମହାପାତ୍ର
ଶ୍ରୀ କଣଲସୁ ମହାପାତ୍ର
ଶ୍ରୀ ମଳୟ ମହାପାତ୍ର
ଶ୍ରୀ ନଳୟ ମହାପାତ୍ର
କୁମାରୀ ଗୀତା ମହାପାତ୍ର
କୁମାରୀ କବିତା ମହାପାତ୍ର

It Seems to me, at this glacial hour of dawn, as if that passing cry which is carried away by the wings of a bird is the sigh of a soul from the world.

—Guy de Mopassant.

ଶହେ ନୂଆ ପଇସା

ନଂ ୧୫୨ 7 1959

ସଫଳତାର ମୁଁ ସଙ୍କେତ ପାଏ ବିଫଳତା ଭରା ଜୀବନରେ
ମୁକ୍ତିର ଗାନ ଗାଏ ପୁଣି ମୁହିଁ ରୁଦ୍ଧ ଜୀବନ କାରାଗାରେ
ଅମାବାସ୍ୟାର ଅନ୍ଧକାରେ ମୁଁ ଜ୍ୟୋତ୍ସ୍ନାର କରେ ସନ୍ଧାନ
ବହ୍ନିରୁ ପୁଣି ଆବିଷ୍କାରେ ମୁଁ ସ୍ନିଗ୍ଧ ସୁରଭି ଚନ୍ଦନ
କାପୁରୁଷର ଭିତ ଚୁମ୍ବନୁ ସୁଧାର ମାଧୁରୀ ଲଭେ ମୁହିଁ
ସୁରାର ପାତ୍ର ହାତେଧରି ପୁଣି ମଙ୍ଗଳ ଗୀତି ଉଠେ ଗାଇ
ଝଡ଼ ଝଂକୃତ ପ୍ରାଣେ ନିରେଖଇ ଶାନ୍ତିର ମଧୁହାସ୍ୟ ଗୋ
ମରଣର ଘୋର ଅନ୍ଧ କୂପେ ମୁଁ ଦେଖେ ଜୀବନର ଲାସ୍ୟ ଗୋ ।

'ବକୁଳ ଓ ବଜ୍ର' ଯା'ର କଅଁଳିଆ
ହାତର କୋମଳ ପରଶରେ
ଜୀବନ୍ତ ହୋଇ ଉଠିଥାନ୍ତା,
ସେ ଆଜ ସରଗ
ପୁରରେ, ତା'
ନା' ସଞ୍ଜୁ

ନଂ. ୧୫୨

# ବିଜୁଳି ଓ ବଜ୍ର

ବିଭୂଶ୍ୟାମବାବୁ ପୁତ୍ର ରେବତୀନନ୍ଦନଙ୍କର କବିତାଟି ପ୍ରଥମେ 'କଲ୍ଲୋଳିନୀ' ପତ୍ରିକାରେ ଦେଖି ଆନନ୍ଦ ଗଦ୍‌ଗଦ ଚିତ୍ତରେ ଆବୃତ୍ତି କରୁକରୁ ପାଖରେ ପତ୍ନୀ ରେଣୁକାଦେବୀଙ୍କୁ ପାଇ ଅତି ଉତ୍ସାହର ସହିତ କହି ଉଠିଲେ, ଦେଖିଲଣି ନା, ଆମ ରେବ ମ, ବି, ଏ ପଢ଼ୁଚି ସିନା ହେଲେ କାଲିକାର ନଣ୍ଡିଟା, ଗାଲଚିପି ଦେଲେ ଦୁଧ ବାହାରିବ । ସେପୁଣି ଶାନ୍ତମତ ଗୋଟାଏ କବି ପାଲଟି ଗଲଣି । 'କଲ୍ଲୋଳିନୀ'ର ପ୍ରଥମ ପୃଷ୍ଠାରେ ତା' କବିତା ସଚିତ୍ରହୋଇ ପ୍ରକାଶ ପାଇଛି । ବିଭୂଶ୍ୟାମବାବୁ ହାସ୍ୟୋଜ୍ଜ୍ୱଳ ମୁଖରେ ମାସିକ ପତ୍ରିକାଟି ପତ୍ନୀଙ୍କଆଡ଼କୁ ବଢ଼ାଇ ଦେଉଁ ଦେଉଁ ଧୀର ସ୍ୱରରେ ପୁଣି କହିଲେ, ଯା' ହେଉ, ଆମ ବଂଶର ନା ରଖିବ ।

ରେଣୁକାଦେବୀ କବିତାର ଅର୍ଥ ବୁଝନ୍ତୁ ନ ବୁଝନ୍ତୁ ଗୁଣବାନ୍ ପୁତ୍ରର ନାମଟା ପ୍ରଥମେ ଛପା ଅକ୍ଷରରେ ଦେଖି ଉତ୍‌ଫୁଲ୍ଲ ହୋଇ ଉଠିଲେ । କେତୋଟି ମୁହୂର୍ତ୍ତପରେ ନୀରବତା ଭଙ୍ଗ କରି ବିଭୂଶ୍ୟାମବାବୁ ଭାବ ବିହ୍ୱଳ ସ୍ୱରରେ ପୁଣି ଆରମ୍ଭ କଲେ କବିତାଟି ଏତେ ସୁନ୍ଦର ହୋଇଛି ଯେ ସାହିତ୍ୟର ଧାର ଧାରୁ ନ ଥିବା ଲୋକ ମଧ୍ୟ ବାରମ୍ବାର ପଢ଼ିବା ପାଇଁ ଆଗ୍ରହ ପ୍ରକାଶ କରିବ । ବାସ୍ତବିକ ଯେଉଁ ସାହିତ୍ୟରେ 'Romanticism ନାହିଁ

ସେ ଗୋଟାଏ କ ସାହିତ୍ୟ ! ଏହି ଦେଖିଲ, ଏ ସଂଖ୍ୟାରେ ତ ଏତେ ଗୁଡ଼ାଏ କବିତା ବାହାରିଛି, Romatic Poem ହିସାବରେ ଆମ ରେବ କବିତା ସହିତ କେଉଁଟି ତୁଳନୀୟ ହୋଇ ପାରିବ ଭଲ ! ବିଭୂଶ୍ୟାମବାବୁ ଯନ୍ତ୍ର ଚାଳିତବତ୍ ପତ୍ନୀଙ୍କ ହାତରୁ ପତ୍ରିକାଟି ନେଇ କବିତାର ଏକ ଅଂଶ ଉଚ୍ଚସ୍ୱରରେ ଆବୃତ୍ତି କରି ପକାଇଲେ । ତା'ପରେ ଗୋଟିଏ ରଙ୍ଗୀନ୍ କାର୍ଡ଼ ଚିଠି ରେଣୁକା ଦେବୀଙ୍କ ଆଡ଼କୁ ବଢ଼ାଇ ଦେଇ ଦେଉଁ ବିଜୟୀ ପୁରୁଷଙ୍କ ଭଳି କହିଲେ, ପୁଣି ଦେଖ 'କଲ୍ଲୋଳିନୀ'ର ସଂପାଦକ ଆମ ରେବର ସାହିତ୍ୟିକ ପ୍ରତିଭାକୁ ଅଭିନନ୍ଦନ ଜଣାଇ ପ୍ରତି ମାସରେ କବିତା ପଠାଇବାକୁ ନିବେଦନ କରିଛନ୍ତି ।

ଯେଉଁ ରେଣୁକାଦେବୀ ଘଣ୍ଟାକ ପୂର୍ବରୁ ପୁଅର ସାହିତ୍ୟ ସାଧନା ସମ୍ବନ୍ଧରେ ସଂପୂର୍ଣ୍ଣ ଅଜ୍ଞାତ ଥିଲେ, ସେ ବର୍ତ୍ତମାନ ସ୍ୱାମୀଙ୍କ ମୁହଁରୁ ପୁଅର ଭୂରି ଭୂରି ପ୍ରଶଂସା ଶୁଣି ଓ 'କଲ୍ଲୋଳିନୀ' ସଂପାଦକଙ୍କ ଚିଠି ପଢ଼ି ବିଶ୍ୱାସ କଲେ ଯେ ପୁଅ ତାଙ୍କର.. ଓଡ଼ିଶାର ଜଣେ ଅଦ୍ୱିତୀୟ ସାହିତ୍ୟ ରଥୀ ।

ସୁପୁଅ ରେବତୀଙ୍କ କବିତ୍ୱର ପ୍ରଚାର କରିବା କ୍ରମେ ବିଭୂଶ୍ୟାମବାବୁ ଓ ତାଙ୍କର ପତ୍ନୀ ରେଣୁକାଦେବୀଙ୍କର ଦୈନନ୍ଦିନ କାର୍ଯ୍ୟ ହୋଇ ପଡ଼ିଲା । ବିଭୂଶ୍ୟାମବାବୁ ତାଙ୍କର ବନ୍ଧୁ ମହଲରେ ନିଜକୁ କବି ପିତା ବୋଲି ପରିଚୟ ଦେଇ ମନେ ମନେ ଆତ୍ମପ୍ରସାଦ ଲାଭ କରିବାକୁ ଲାଗିଲେ । ଦିନେ ତାଙ୍କର ଜଣେ ଶିକ୍ଷିତ ବନ୍ଧୁଙ୍କ ସହିତ ରେବତୀର ସାହିତ୍ୟ ଚର୍ଚ୍ଚା ସମ୍ବନ୍ଧରେ ଆଲୋଚନା କରୁ କରୁ କଥା ପ୍ରସଙ୍ଗରେ ସେ "କଳା ପାଇଁ ହିଁ କଳାର ସୃଷ୍ଟି" ବୋଲି କହି ପକାଇବାରୁ ବନ୍ଧୁ ଜଣକ ହଠାତ୍ ପ୍ରତିବାଦ କଲେ,

କଳାପାଇଁ କଳାର ସୃଷ୍ଟି ନ କରି ଧଳା ନାଲି କିମ୍ବା ହଳଦିଆର ସୃଷ୍ଟି କରିବା ଉଚିତ । କାରଣ କଳା ସହିତ କଳା ତ ମିଶିଯିବ । ବ୍ରଜଶ୍ୟାମବାବୁ ଆଉ ତାଙ୍କ ସହିତ ଯୁକ୍ତି ନ କରି ମନେ ମନେ ହସି ଚୁପ ରହିଲେ ।

ରେଣୁକାଦେବୀଙ୍କର ପ୍ରଚାର ଫଳରେ ସ୍ତ୍ରୀ ମହଲରେ ମଧ୍ୟ ରେବତୀଙ୍କ କବିତ୍ୱ ସ୍ପଷ୍ଟ ହୋଇ ଉଠିଛି । ତେଣୁ ଶୁଭ ପରିଣୟ ଉପଲକ୍ଷେ କବିତା ଲେଖାଇବା ପାଇଁ ଶ୍ୟାମା ରେଖା, ଆରତି, ଆଉ ସୁମିତ୍ରା ଇତ୍ୟାଦି ପଡ଼ୋଶୀ ଘରର ଝିଅମାନେ ତାଙ୍କ ନିକଟରେ ପ୍ରାର୍ଥୀ ।

× × ×

ଯୁବ' ମଧ୍ୟରେ ରେବତୀବାବୁଙ୍କର ଦୁଇଟି କବିତାବହି ବାହାରି ସାରିଛି । ପ୍ରତ୍ୟେକ ସାହିତ୍ୟ ସମାଲୋଚକଙ୍କ ମୁହଁରେ ତାଙ୍କର ପ୍ରଶଂସା । ଲେଖା ପଠାଇବା ପାଇଁ ଓଡ଼ିଶାର ପ୍ରତିଷ୍ଠିତ ସାହିତ୍ୟ ପତ୍ରିକାର ସମ୍ପାଦକମାନଙ୍କ ପାଖରୁ ସେ ପ୍ରତି ମାସରେ ବହୁତ ଚିଠି ପାଉଛନ୍ତି ।

ଓଡ଼ିଆ ସାହିତ୍ୟର ଉତ୍ତରୋତ୍ତର ଉନ୍ନତି ପାଇଁ ରେବତୀବାବୁ ଓ ତାଙ୍କର କେତେକ ସାହିତ୍ୟିକ ବନ୍ଧୁଙ୍କର ଉଦ୍ୟମରେ 'ସବୁଜ ସାହିତ୍ୟ ସଂସଦ' ଗଢ଼ାହେଲା ଏବଂ ଏହି ଅନୁଷ୍ଠାନ ପକ୍ଷରୁ ଏକ ଦ୍ୱିମାସିକ ସାହିତ୍ୟ ପତ୍ରିକା 'ଯୁଗଶ୍ରୀ' ପ୍ରକାଶ ପାଇଲା । ରେବତୀବାବୁ ସବୁଜ ସାହିତ୍ୟ ସଂସଦର ସଭାପତି ରୂପେ ମନୋନୀତ ହେବା ସଙ୍ଗେ ସଙ୍ଗେ ଯୁଗଶ୍ରୀର ସମ୍ପାଦକତ୍ୱ ଗ୍ରହଣ କଲେ । ସାଧାରଣରେ ପ୍ରଚାର କରାଗଲା ଯେ ଏ ଯୁଗର ପ୍ରଗତିଶୀଳ ଲେଖକମାନଙ୍କୁ ସମାଜରେ ପ୍ରତିଷ୍ଠିତ କରାଇବା ହିଁ ଯୁଗଶ୍ରୀର ପ୍ରଧାନ ଲକ୍ଷ୍ୟ ।

ରେବତୀବାବୁ ଓ ତାଙ୍କର ବନ୍ଧୁମାନଙ୍କର ଏହି ସାଧୁ ଉଦ୍ୟମରେ ଓଡ଼ିଶାର ସାହିତ୍ୟିକ ମହଲରେ ଚାଞ୍ଚଲ୍ୟ ଖେଳିଗଲା ଓ ସମସ୍ତେ ମୁଖ୍ୟତଃ ରେବତୀବାବୁଙ୍କୁ ଏଥିପାଇଁ ଧନ୍ୟ ଧନ୍ୟ କରିବାକୁ ଲାଗିଲେ ।

ସେଦିନ ସହରର ଏକ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଏକ ସାହିତ୍ୟସଭା ହେବାର ଥାଏ । ଏହି ସଭାରେ ସଭାପତିତ୍ୱ କରିବା ପାଇଁ କର୍ତ୍ତୃପକ୍ଷ ଯୁବ ସାହିତ୍ୟିକ ରେବତୀବାବୁଙ୍କୁ ମନୋନୀତ କରିଥାନ୍ତି । ପୂର୍ବରୁ ସମ୍ବାଦପତ୍ରମାନଙ୍କରେ ସଭାର କାର୍ଯ୍ୟକ୍ରମ ସମ୍ବନ୍ଧରେ ବିଶଦ ବିବରଣୀ ପ୍ରକାଶ କରାଯାଇଥିଲା । ତେଣୁ ସହରର ଯୁବ ଯୁବତୀ, ସାହିତ୍ୟିକ ଓ ଭଦ୍ରମହିଳାମାନେ ଯୋଗ ଦେଇଥାନ୍ତି । ସଭାରେ ଆଲୋଚ୍ୟ ବିଷୟ ଥାଏ "ସବୁଜ ସାହିତ୍ୟର ବିକାଶ ଧାରା"—

ପ୍ରଧାନ ଅତିଥି ରୂପେ ନିମନ୍ତ୍ରିତ ହୋଇ ଆସିଥାନ୍ତି ଓଡ଼ିଶାର ପ୍ରବୀଣ ସାହିତ୍ୟିକ ପଣ୍ଡିତ ମିଶ୍ର । ପୂର୍ବରୁ କୌଣସି ସାହିତ୍ୟ ସଭାରେ ଯୋଗ ଦେଇ ନ ଥିଲେହେଁ ରେଣୁକାଦେବୀ ସ୍ୱାମୀଙ୍କ ସହିତ ଏହି ସଭାରେ ଉପସ୍ଥିତ ଥିଲେ ।

ସଭାକାର୍ଯ୍ୟ ଆରମ୍ଭ ହେଲା । ଉଦ୍ୟୋକ୍ତାମାନଙ୍କ ମଧ୍ୟରୁ ଜଣେ ଠିଆ ହୋଇ ମାଇକ୍ ସାହାଯ୍ୟରେ ଘୋଷଣା କଲେ; ମାନନୀୟ ଭଦ୍ରମଣ୍ଡଳୀ, ଆଜିକାର ଏହି ସଭାରେ ପ୍ରଧାନ ଅତିଥି ରୂପେ ଯୋଗ ଦେଇ ପଣ୍ଡିତ ମିଶ୍ର ଆମ୍ଭମାନଙ୍କୁ ଯେମିତି ଉତ୍ସାହିତ କରିଛନ୍ତି, ସଭାପତିତ୍ୱ କରିବାକୁ ସମ୍ମତି ପ୍ରଦାନ କରି ଓଡ଼ିଶାର ଉଦୀୟମାନ ସବୁଜ କବି ଶ୍ରୀଯୁକ୍ତ ରେବତୀନନ୍ଦନ ମହାନ୍ତି ଆମ୍ଭମାନଙ୍କ ସହିତ ସେମିତି ସହଯୋଗ କରିଛନ୍ତି । ଉଭୟଙ୍କ

ନିକଟରେ ଆମ୍ଭେମାନେ ଋଣୀ । ବର୍ତ୍ତମାନ ଶ୍ରୀଯୁକ୍ତ ମହାନ୍ତି ତାଙ୍କର ଆସନ ଅଳଂକୃତକରି ଆମ୍ଭମାନଙ୍କୁ କୃତାର୍ଥ କରନ୍ତୁ । ଘନଘନ କରତାଳିରେ ସଭାସ୍ଥଳ କମ୍ପି ଉଠିଲା । ରେବତୀବାବୁ ପଣ୍ଡିତ ମିଶ୍ରଙ୍କ ପାଖକୁ ଲାଗି ତାଙ୍କ ପାର୍ଶ୍ୱ ଉଦ୍ଦିଷ୍ଟ ଆସନ ଗ୍ରହଣ କଲେ । ଦୁଇଟି ସୁବାସିତ ଗୋଲାପ ଫୁଲର ଗଜରାହାର ଉଭୟଙ୍କ କଣ୍ଠ ଦେଶରେ ଲମ୍ବିତ ହେଲା । ଓଡ଼ିଶାର ପରପକ୍ୱ ସାହିତ୍ୟିକ ପଣ୍ଡିତ ମିଶ୍ର ଓ ତରୁଣ ସବୁଜ କବି ରେବତୀବାବୁଙ୍କର ଏକତ୍ର ଅବସ୍ଥାନ ସଭାସ୍ଥଳକୁ ଏକ ଅପୂର୍ବ ସୁଷମାରେ ମଣ୍ଡିତ କରୁଥିଲା ।

ସଭାପତିଙ୍କର ଆହ୍ୱାନ କ୍ରମେ ପ୍ରଥମେ ବିଭିନ୍ନ ସାହିତ୍ୟିକ ସବୁଜ ସାହିତ୍ୟର ବିକାଶ ସମ୍ବନ୍ଧରେ ଭାଷଣ ମାନ ଦେଇଗଲେ । ପଣ୍ଡିତ ମିଶ୍ର ସବୁଜ ସାହିତ୍ୟ ସମ୍ବନ୍ଧରେ କିଛି କହି ସାରିବା ପରେ ସଭାପତି ମହାଶୟ ନିଜର ବକ୍ତୃତା ଆରମ୍ଭ କରିବା ପାଇଁ ଠିଆ ହେଲେ । ଜନତା ମଧ୍ୟରେ ଏକ ଅସ୍ପଷ୍ଟ ଉତ୍ସାହର ଗୁଞ୍ଜରଣ ଧ୍ୱନିତ ହୋଇଉଠିଲା । ରେବତୀବାବୁ ଅତି ନମ୍ର ଭାବରେ ପ୍ରଧାନ ଅତିଥି ତଥା ସଭାସଦ୍‌ବର୍ଗଙ୍କୁ ସମ୍ମାନ ସୂଚକ ସମ୍ବୋଧନ କରି ନିଜର ବକ୍ତୃତା ଆରମ୍ଭ କଲେ । ତାଙ୍କର ବକ୍ତୃତା ଶେଷ ହେବା ପର୍ଯ୍ୟନ୍ତ ସଭାସ୍ଥଳ ଅସାଧାରଣ ଭାବରେ ନୀରବ ହୋଇ ପଡ଼ିଥିଲା ଓ ଜନତା ମୁଗ୍ଧ ପ୍ରାଣରେ ତାଙ୍କର ବଚନାମୃତ ପାନ କରୁଥିଲେ । ପରିଚିତ ବ୍ୟକ୍ତି କେହିକେହି ବିଭୁଶ୍ୟାମବାବୁ ଓ ରେଣୁକାଦେବୀଙ୍କ ପ୍ରତି ଗଭୀର ଦୃଷ୍ଟିପାତ କରୁଥିଲେ ମଧ୍ୟ ।

ଶେଷରେ ଅନୁଷ୍ଠାନ ପକ୍ଷରୁ ଦୁଇଟି ସ୍ୱର୍ଣ୍ଣ ଅଙ୍ଗୁରୀୟ ଉପହାର ଦିଆଯାଇଥିଲା—ଗୋଟିଏ ପଣ୍ଡିତ ମିଶ୍ରଙ୍କୁ ଓ ଅନ୍ୟଟି ରେବତୀବାବୁଙ୍କୁ ।

ସଭା ଭଙ୍ଗ ହେବା ପରେ ଯେତେବେଳେ ଜନତା ସଭାରେ ଆଲୋଚ୍ୟ ବିଷୟ ଉପରେ ନିଜ ନିଜର ମତାମତ ଦେଉଥିଲେ, ସେତେବେଳେ ଅଧିକାଂଶଙ୍କ ମୁହଁରୁ ଶୁଣାଯାଉଥିଲା, ସଭାପତିଙ୍କ ଭାଷଣ ଅତି ସାରଗର୍ଭକ ହୋଇଥିଲା ।

କେତେ ମାସପରେ·····························

ଦିନେ ସନ୍ଧ୍ୟାରେ ବିଭୁଶ୍ୟାମବାବୁ ଅତି ଗମ୍ଭୀର ହୋଇ ଦାଣ୍ଡଘରେ ବସିଥାନ୍ତି । ଜଣାପଡୁଥାଏ ସତେ ଯେପରି ସେ କ୍ଷୁବ୍ଧ ମନରେ କ'ଣ ଚିନ୍ତା କରୁଛନ୍ତି । ଏହି ସମୟରେ ରେଣୁକା ଦେବୀ ଗୋଟିଏ ମାଟିଆ ରଙ୍ଗର ଲଫାପା ଧରି ଦ୍ରୁତ ପଦକ୍ଷେପରେ ସେଠାରେ ଉପସ୍ଥିତ ହୋଇ ବିଭୁଶ୍ୟାମବାବୁଙ୍କୁ ଲକ୍ଷ୍ୟକରି ଅତି ଉତ୍ସାହପୂର୍ଣ୍ଣ କଣ୍ଠରେ କହିଲେ, କଟକ ରେଡ଼ିଓ ଷ୍ଟେସନରେ ସାହିତ୍ୟ ସମ୍ବନ୍ଧରେ ଭାଷଣ ଦେବାପାଇଁ ଅନୁରୋଧ କରି ଆମ ରେବ ପାଖକୁ ବେତାର କର୍ତ୍ତୃପକ୍ଷ ଏହି ଚିଠିଟି ଲେଖିଛନ୍ତି । ଆସନ୍ତା ପନ୍ଦର ତାରିଖକୁ ତା'ର ପ୍ରୋଗ୍ରାମ ଅଛି । ରେଣୁକାଦେବୀ ଚିଠିଟିକୁ ବିଭୁଶ୍ୟାମବାବୁଙ୍କ ଆଡ଼କୁ ବଢ଼ାଇ ଦେବାକ୍ଷଣି ସେ ଅସ୍ୱାଭାବିକ ଭାବେ ଗର୍ଜି ଉଠିଲେ, ଆଲୁଅ କରିବେ । ଛତରା········ କୁଳାଙ୍ଗାର କେଉଁଠିକାର । ଏତିକି କହି ପୁଣି ପୂର୍ବପରି ଗମ୍ଭୀର ହୋଇ ବସି ରହିଲେ ସେ । ଓଠ ଦୁଇଟି ତାଙ୍କର ରାଗରେ ଥରି ଉଠୁଥାଏ । ହଠାତ୍ ସ୍ୱାମୀଙ୍କର ଏପରି ବିପରୀତ ଭାବ ଦେଖି ରେଣୁକାଦେବୀ ଚମକି ପଡ଼ି ଦୁଇପାଦ ପଛକୁ ଘୁଞ୍ଚିଆସି ବିସ୍ମୟାଭିଭୂତ ପ୍ରାଣରେ ତାଙ୍କର ପରିବର୍ତ୍ତନର କାରଣ ଚିନ୍ତା କରିବାକୁ ଲାଗିଲେ । କିନ୍ତୁ କୌଣସି ସିଦ୍ଧାନ୍ତରେ ଉପନୀତ ହୋଇ ପାରିଲେ

ନାହିଁ । ଶେଷକୁ ସାହସ ସଞ୍ଚୟ କରି ଅତି ଧୀର ସ୍ୱରରେ ପଚାରିଲେ, କ'ଣ ହେଲାକ, ଆଜ ଏମନ୍ତ କାହିଁକି ହଉଚ ପିଲାଟା ଉପରକୁ ?

ହବ ଛେନା ଆଜ ଗୁଡ଼, ଗୁଣବାନ୍ ମୁଅ ଭୁମର ସାହିତ୍ୟ ସଭାରେ ସଭାପତିତ୍ୱ କରିବେ, ପତ୍ରିକା ସମ୍ପାଦନା କରିବେ, ବେତାର କେନ୍ଦ୍ରରେ ଭାଷଣ ଦେବେ—ଆଉ ବି. ଏ, ପରୀକ୍ଷାରେ ହେବେ ଫେଲ୍ ......ସ୍ୱାହା'ପ......ବାଳୁଙ୍ଗା କୋଉଠି ଧାନ ହେଲେଣି ? ଏତିକି କହି ବଭୂଶ୍ୟାମବାବୁ ପରୀକ୍ଷା ଫଳ ପ୍ରକାଶ ପାଇଥିବା ଦୈନିକ ପ୍ରଜାତନ୍ତ୍ର ଖଣ୍ଡିକ ପତ୍ନୀଙ୍କ ଆଡ଼କୁ ଫୋପାଡ଼ି ଦେଇ ରାଗ ତମ ତମ ହୋଇ ସେ ଘରୁ ବାହାରି ଗଲେ ।

ତା ପରଦିନ ସକାଳ...............

ବଭୂଶ୍ୟାମବାବୁ ତାଙ୍କର ଜଣେ ପଡ଼ୋଶୀଙ୍କ ସହିତ ରେବନ୍ତ ଫେଲ୍ ହେବା ସମ୍ବନ୍ଧରେ କଥାବାର୍ତ୍ତା କରିବା ସମୟରେ କହିଲେ, ଆରେ ବାବୁ, କବି ହବ ବୋଲି ପାଠଶାଠ ଛାଡ଼ି ଦବ ନା କ'ଣ ? ପରୀକ୍ଷାରେ ପାସ୍ କରିବା ଛାତ୍ରର ମୁଖ୍ୟ ଲକ୍ଷ୍ୟ ହେବା ଉଚିତ । ସେତକ କରିସାରି କବି ହୁଅ, ଔପନ୍ୟାସିକ ହୁଅ, ସଙ୍ଗୀତଜ୍ଞ ହୁଅ ବା ଚିତ୍ରକର ହୁଅ; କିଏ ମନା କରୁଛି ? ପାଠଶାଠ ନ ପଢ଼ି ଏ ସବୁ ହେବାର ମୂଲ୍ୟ କ'ଣ ଅଛି ? ଶେଷକୁ ବାଳୁଙ୍ଗା ବୋଲାଇବାହିଁ ସାର ହେବ ।

ପଡ଼ୋଶୀ ଜଣକ କହିଲେ, ଆପଣଙ୍କ କଥା ସଂପୂର୍ଣ୍ଣ ସତ ନ ହେଲେ ମଧ୍ୟ ଆଂଶିକ ସତ୍ୟ । ଅବଶ୍ୟ ରେବନ୍ତବାବୁଙ୍କ ପରି

ବାଙ୍କ ସ୍କୁଲର ଫେଲ୍ ହବାର କଥାନୁହେଁ, ତେବେ ମୁଁ ଯେତେଦୂର ଜାଣେ ଅଭଙ୍କଲୋକେ କହନ୍ତି କଳ୍ପନା ବିଳାସୀ କବିମାନେ ସାଧାରଣତଃ ପରୀକ୍ଷାରେ ଭଲ କରନ୍ତି ନାହିଁ ।

## ଅପୁଷ୍ପିତର ସୌରଭ

ମୁଁ ତାକୁ ପ୍ରଥମେ ମୀନାପୁର ଯାତ୍ରାରେ ଦେଖିଥିଲି । ଗୋରା ତକତକ ପିଲାଟି—ମୋରି ବୟସର ହେବ, ମୁହଁରେ ଅଳ୍ପ ଅଳ୍ପ ବସନ୍ତ ଦାଗ—ଆଖିଯୋଡ଼ିକ ପଦ୍ମଫୁଲ ପରି ଢଳ ଢଳ । ଲାଇଟ୍ ଆଲୁଅରେ ତା'ର ଚେହେରାଟି ଆହୁରି ସୁନ୍ଦର ଦିଶୁଥାଏ ।

ମୁଁ ବାପାଙ୍କ ପାଖରେ ବସି ଯାତ୍ରା ଦେଖୁଥାଏ—ସେ ବସିଥାଏ ଠିକ୍ ମୋ' ଡାହାଣ ପଟକୁ ଦି'ହାତ ଛଡ଼ାରେ । ଯେତେବେଳେ ସେ ମୋ' ଆଡ଼କୁ କଣେଇ କଣେଇ କରି ଚାହିଁ ଦେଉଥାଏ, ସେତେବେଳେ ମୋ' ଆଖି ଦୁଇଟାବି ଅଜାଣତରେ ତା' ଆଖି ସହିତ ମିଶିଯାଏ । ମୋ'ର ଶିଶୁ ସୁଲଭ ମନ ତା'ର ସଙ୍ଗସୁଖ ଲାଭ କରିବା ପାଇଁ କେଜାଣି କାହିଁକି ବ୍ୟାକୁଳ ହୋଇଉଠେ ।

ଯାତ୍ରା ଅଧା ହୋଇଛି, ବାପା ମତେ ଏକା ବସାଇ ଦେଇ ବାହାରକୁ ଆସିଲେ ଖିଲିପାନ ଆଣିବା ଉଦ୍ଦେଶ୍ୟରେ । ଠିକ୍ ସେତିକିବେଳେ ଯାତ୍ରାରେ ଗୋଟାଏ ମହାବଳ ବାଘ ବାହାରିଲା ।

ମୁଁ ଭୟରେ ବାପା କୁଆଡ଼େ ଗଲେ ବୋଲି ଚାରିଆଡ଼କୁ ଚାହିଁ ଚାହିଁ କାନ୍ଦି ପକାଇଲି । କ'ଣ ଭାବି କେଜାଣି ସେ' ମୋ' ପାଖକୁ ଲାଗି ଆସି ମୋ' କାନ୍ଧରେ ହାତ ପକାଇ ଆଖିରୁ ଲୁହ ପୋଛି ଦେଇଁ ଦେଇଁ ହସି ହସି ଅତି ଆପଣାର ଭଳି କହିଲା, ଡରିଲୁ କି, ହୁଣ୍ଡି ଟା, ସିଏ କ'ଣ ସତରେ ବାଘ, ମଣିଷଟା ପରା ବାଘ ମୁଖା ପିନ୍ଧି ବାହାରିଛି ।

ମୁଁ ତା' କଥାରେ ଟିକଏ ସାନ୍ତ୍ୱନା ପାଇ ବସିଲି । ତଥାପି ମୋ' ମନରେ ଟିକଏ ଟିକଏ ଡର ଥାଏ । ଅଳ୍ପ ସମୟ ପରେ ସେ ବାଘଟା ରଜାପୁଅ ହାତରେ 'ମଲା । ସେ ମତେ କୋଳକୁ ଆଉଜେଇ ନେଇ କହିଲା, ବାଘ ତ ମଲାଣି ଆଉ ଡରୁଛୁ କାହିଁକି ? ମୁଁ କିଛି ନ କହି ତା ମୁହଁକୁ ଚାହିଁ ଟିକଏ ହସିଦେଲି । ସେଇଠୁ ସିଏ ମତେ ପୁଣି ପଚାରିଲା, ତୋ' ନା କଅଣ ?

ମୁଁ କହିଲି, ତୋ' ନା' କ'ଣ ଆଗ କହ ! ସେ କହିଲା, ବାପା ମତେ ବୁଢ଼ା ଡାକନ୍ତି, ବୋଉ ଡାକେ ପାଗଳା, କିନ୍ତୁ ମୋର ପ୍ରକୃତ ନା' ପ୍ରଭାକର ।

ମୁଁ ଆନନ୍ଦରେ ଗଦଗଦ ହୋଇ କହି ପକାଇଲି, ତୋ' ନା' ପ୍ରଭାକର—ମୋ' ନା' ପ୍ରଭାବତୀ—ତୁ ଆଉ ମୁ ଆଜଠାରୁ ସାଙ୍ଗ ହେଲେ । ସେ' ଆଉଥରେ ମତେ ସ୍ନେହରେ ଜାବୁଡ଼ି ଧରି କହିଲା, ହଉ—ତୁ କୋଉ ଶ୍ରେଣୀରେ ପଢ଼ୁଛୁ କି ?

ମୁଁ ପରା ଏ ବର୍ଷ ଚତୁର୍ଥ ଶ୍ରେଣୀକୁ ଉଠିଛି । ଏଇ ଗାଁ ମାଇନର ସ୍କୁଲରେ କାଲି ମୋ' ନା' ଲେଖାହେବ । ମୁଁ ଉତ୍ତର ଦେଲି ।

ସେ ଭାରି ଖୁସି ହୋଇ କହିଲା, ଆରେ ବାଃ—ମୁଁ ବି ଚତୁର୍ଥରେ ପଢ଼ୁଛି—ତୁ ହଉଚୁ ମୋର ଠିକ୍ ସାଙ୍ଗ ।

ସିଏ ଆଉ ମୁଁ ଏକାଠି ପାଠ ପଢ଼ିବୁ । ସବୁଦିନେ ଦେଖା ହେବ । କେତେ ଘନିଷ୍ଠତା ଜନ୍ମିବ—ମନ ମୋର ଆନନ୍ଦରେ ମନଗୁଲ ହୋଇ ଉଠୁଥାଏ । ସେତେବେଳକୁ ଦୁହେଁଯାକ ବହୁତ ଆଗକୁ ମାଡ଼ି ବସି ଗଲୁଣି । ବାପା ଫେରି ଆସି ମତେ ପାଖକୁ ଡାକଲେ, କିନ୍ତୁ ମୁଁ ଯିବାକୁ ମନାକଲି । ସେଦିନ ତା'ର ମିଠା କଥାଗୁଡ଼ିକ ମତେ ଯାତରାଠୁଁ ବେଶି ଆନନ୍ଦ ଦେଉଥିଲା ।

ତା' ପରଦିନଠାରୁ ମୁଁ ପ୍ରତ୍ୟହ ସ୍କୁଲକୁ ଯାଏ । ସିଏ ମତେ କେତେ ଆଦର କରି ପାଖରେ ବସିବାକୁ ଡାକେ । ବୋର୍ଡ଼ିଂକୁ ନେଇ ମିଠେଇ ବିସ୍କୁଟ ଖାଇବାକୁ ଦିଏ । ଗେଲକରେ—କହେ, ତୁ ମୋର ଭଉଣୀ ।

ମୁଁ କହେ, ତୁ ମୋ'ର ଭାଇ ।

ଆମ ବାଡ଼ିରୁ ମୁଁ ପାଚିଲା ପିଜୁଳି ନେଇ ତାକୁ ଦେଲେ ସେ ମତେ ହସି ହସି କହେ, ତୁ ଖୁଆଇ ଦେ—ମୁଁ ତାକୁ ପିଜୁଳି ଖୁଆଇ ଦେଉଦେଉ ସେ ଆସ୍ତେ କରି ମୋ' ହାତକୁ କାମୁଡ଼ିଦିଏ । ଦୁହେଁ ହସି ଉଠୁ । ଏହିପରି ଦିନଗୁଡ଼ିକ ଆମର କଟିଯାଏ ।

ଦିନେ ଭୂଗୋଳ ଶିକ୍ଷକ ତାକୁ ଗୋଟିଏ ପ୍ରଶ୍ନ କଲେ । ସେ କହି ପାରିଲା ନାହିଁ । ମତେ ସେହି ପ୍ରଶ୍ନ ପଚରା ହେବାରୁ ମୁଁ କହିଦେଲି । ଶିକ୍ଷକ ମତେ ତା'ର କାନ ମୋଡ଼ିବାକୁ କହିଲେ । ମୁଁ

ମୋଡ଼ିଲି ନାହିଁ । ମତେ ବାଧ୍ୟକଲେ—ଧମକେଇଲେ; ତଥାପି ମୁଁ ମୋଡ଼ିଲି ନାହିଁ । ଶିକ୍ଷକ ମହାଶୟଙ୍କର ଅବାଧ୍ୟ ହେବାରୁ ମୋ' କାନ ଆଉ ଗୋଟିଏ ପିଲା ମୋଡ଼ିଲା । ସେଦିନ ଛୁଟି ହେଲାବେଳେ ସେ ମତେ କହିଲା, ତୁ ଭାରି ଦୁଷ୍ଟ; ମୋ କାନ କାହିଁକି ମୋଡ଼ିଲୁ ନାହିଁ—ଦଣ୍ଡ ପାଇଲୁ ! ମୁଁ କିଛି କହିଲି ନାହିଁ—ଖାଲି ତା'ର ମୁହଁକୁ ଚାହିଁଲି । ସେ ଚାହାଣି ଦ୍ୱାରା ମୁଁ ତାକୁ ଜଣାଇ ଦେବାକୁ ଚାହୁଁଥିଲି ଯେ ସେଇଟା ମୋର ଗୌରବ । ସେ ସ୍ନେହରେ ମୋର ଟିକି ମୁହଁଟିକୁ ନେଇ ତାର ଛାତିରେ ଜଡ଼ାଇ ଦେଲା । ମୋ ଆଖିରୁ ଦୁଇବିନ୍ଦୁ ଆନନ୍ଦାଶ୍ରୁ ଗଡ଼ି ପଡ଼ିଲା । ସେହି ଦିନଠାରୁ ସେ ଯେଉଁ ପ୍ରଶ୍ନର ଉତ୍ତର ନ ଦେଇପାରେ ମତେ ଜଣାଥିଲେ ସୁଦ୍ଧା ତା'ର ଉତ୍ତର ମୁଁ ଦିଏ ନାହିଁ—କାଳେ ଶିକ୍ଷକ ପୁଣି ମତେ ତା'ର କାନ ମୋଡ଼ିବାକୁ କହିବେ ! !

× × ×

ସେ' ଦିନ ବସନ୍ତ ପଞ୍ଚମୀ, ସ୍କୁଲରେ ଉତ୍ସବ । ସେ ମତେ ଆଗରୁ କହିଥାଏ, ପୂଜାଦିନ ସକାଳୁ ବୋର୍ଡିଂକୁ ଆସିବୁ—ଲୁଡ଼ୁ ଖେଳିବା । ମୁଁ ଯାଇଁ ଦେଖିଲି ବୋର୍ଡିଂର ଅନ୍ୟ ପିଲାମାନେ ପୂଜାର ଆୟୋଜନରେ ଲାଗିଛନ୍ତି; କିନ୍ତୁ ସିଏ କୋଉଠି ଦେଖା ନାହିଁ । ବାହାରକୁ ଯାଇଥିବ ଭାବି ଅପେକ୍ଷା କଲି । ଏହି ସମୟରେ ସ୍କୁଲ ପୋଖରୀ ଆଡ଼ୁ ତା'ର ପାଟି ଶୁଭିଲା । ଯାଇଁ ଦେଖେତ ସେ ପହଁରି ପହଁରି କଇଁ ଫୁଲ ତୋଳୁଛି । ମୁଁ ତାକୁ ଶାସନ କଲାଭଳି କହିଲି, ଶୀତଦିନ—ତୁ ଏ ଦନ୍ତୁଆ ପାଣିରେ ବୁଡ଼ୁଛୁ—ଜର ହବ ଯଦି ? ଦଳରେ ଗୋଡ଼ ଛନ୍ଦି ହୋଇଗଲେ ଆଉ କୂଳକୁ ଆସି ପାରିବୁ ତ ?

ସିଏ ମୋ' କଥାକୁ ହସରେ ଉଡ଼ାଇ ଦେଇ କହିଲା, ତୁ ହୁଣ୍ଡିଟା ବୁଝିନୁ, ମା' ସରସ୍ୱତୀଙ୍କର କାମ କଲେ କ'ଣ ଦେହ ଖରାପ ହୁଏ ? ଅଧିକ ପାଠ ଆସେ ।

ଗୋଟିଏ ଫୁଲ ଧରି ସେ କୂଳକୁ ଆସିଲା । ତା' ଭିତରୁ ବାଛିକରି ବଡ଼ ବଡ଼ ନାଲି କଇଁ ଯୋଡ଼ିଏ ମୋ' ବେଣୀରେ ଖୋସି ଦେଇ କହିଲା, କେଡ଼େ ସୁନ୍ଦର ମାନୁଛି । ମୁଁ ଅଭିମାନ କଲାଭଳି କହିଲି, ତୁ ଯଦି ଆଉ ଏମିତି ପାଣିରେ ବୁଡ଼ୁ, ତେବେ ମୁଁ ତତେ ପାଟି ଫିଟାଇବି ନାହିଁ—ଜାଣିଥା ! ସେ ତା'ର କଅଁଳ ହାତରେ ମୋ'ର ଓଠକୁ ଚିପିଦେଇ କହିଲା, ତୁ ଗୋଟାଏ ବାଇଆଣିଟା—

ମୋ' ଜାଲ ପାଟିଟାରୁ ଯାହା ବାହାରିଥିଲା, ସେଇଆ ଫଳିଲା । ସତକୁ ସତ ତହିଁଆରଦିନ ତାକୁ ଜର ହେଲା । ମୋ' ମନ ଆଉ କେଉଁଥିରେ ଲାଗିଲା ନାହିଁ । ସବୁବେଳେ ତା'ର ପାଖେ ପାଖେ ରହି ଦେହ ଆଉଁସିଦିଏ, ମୁଣ୍ଡ ଚିପିଦିଏ, ସରବତ୍ କରିଦିଏ, ଆଉ ଆଖିରୁ ଲୁହ ଗଡ଼ାଇ କାନ୍ଦେ । ସେ ମତେ ସାନ୍ତ୍ୱନା ଦେଇ କହେ, ମୋ' ସୁନା ଭଉଣୀଟି ପରା କାନ୍ଦେ ନା—ମୋ'ର ଦେହ ଭଲ ହୋଇଯିବ ଯେ— ।

କିନ୍ତୁ ତା'ର ଦେହ ଭଲହେବା ପରିବର୍ତ୍ତେ ଦିନକୁ ଦିନ ବେଶି ଖରାପ ହେବାକୁ ଲାଗିଲା । ଦୁଇଦିନ ପରେ ତା'ର ବାପା ତାକୁ ଗାଆଁକୁ ନେଇ ଯିବା ପାଇ ଆସିଲେ । ଗଲାବେଳେ ସେ ମତେ ସାନ୍ତ୍ୱନା ଦେଲା ଭଳି କହିଲା, ଦେହ ଭଲ ହୋଇଗଲେ ମୁଁ ଆସିବି—ତୁ ମୋ କଥା ଭାବି ଭାବି କାନ୍ଦିବୁ ନାହିଁ । ମୁଁ ଲୁହ

ଭରା ଆଖିରେ ଖାଲି ତା'ର ମୁହଁକୁ ଚାହିଁଲି । ସେ ମୋତେ ଗୋଟି ଚୁମାଟିଏ ଦେଇ ଆଖିରୁ ମୋର ଲୁହ ପୋଛି ଦେଲା । ତା'ର ଆଖି ମଧ୍ୟ ଲୁହ ଛଳ ଛଳ ହେଉଥାଏ ।

× + ×

ସିଏ ଯିବାପରେ ମୋ ମନର ସମସ୍ତ ସରସତା ଲିଭିଗଲା । ଦୁନିଆଟା ମତେ ଶୂନ୍ୟ ବୋଧ ହେଲା । କ୍ଲାସରେ ପାଠ ପଢ଼ାଉଥାଏ; କିନ୍ତୁ ମୋର ମନ ସେଥିରେ ନ ଥାଏ । ଉଦାସୀନ ଭାବେ ଗୋଟିଏ ଦିଗକୁ ଚାହିଁ ରହି ଖାଲି ତାରି କଥା ଭାବେ । ତାର ସୁନ୍ଦର ରୂପଟି ସବୁବେଳେ ମୋର ଆଖି ଆଗରେ ଦିଶିଯାଏ—ଆଉ କାନରେ ଶୁଭିଯାଏ ତା'ର ସ୍ନେହବୋଳା ମଧୁର କଥା କେଇପଦ । ଅଜାଣ-ତରେ ମୋ'ର ଆଖିରୁ ଲୁହ ଗଡ଼ି ପଡ଼େ । ସହସା ଯେପରି ମୋ'ରି କାନରେ କିଏ କହି ଦେଇଯାଏ, ଛି, ସିଏ ବର୍ତ୍ତମାନ ଅସୁସ୍ଥ—ତୁ କାନ୍ଦିଲେ ତା'ର ଅମଙ୍ଗଳ ହେବ । ମୁଁ ଚମକିପଡ଼ି ନିଜକୁ ପ୍ରକୃତିସ୍ଥ କରିନିଏ । ମନକୁ ମନ କେତେ କ'ଣ ସାନ୍ତ୍ୱନା ଦିଏ, ହଁ, ତା'ର ଦେହ ଶୀଘ୍ର ଭଲ ହୋଇଯିବ—ସେ ଫେରି ଆସିବ—ଆଗପରି ପୁଣି ଆମର ଶିଶୁ ସଂସାର ହସିଉଠିବ । ଜାଗୁଳେଈଙ୍କ ପାଖରେ ତା' ପାଇଁ କେତେ କଣ ମନାସେ ମୁଁ ।

ଦିନ ପରେ ଦିନ ପାଣି ସୁଅ ପରି କୁଆଡ଼େ ଗଡ଼ିଯାଏ । କିନ୍ତୁ କାହିଁ ସେତ ଆସେନା ! ହୃଦୟ ମୋ'ର ନୈରାଶ୍ୟରେ ଭାଙ୍ଗି ପଡ଼େ । ମନ ପାପ ଛୁଏଁ । ପୁଣି ପର ମୁହୂର୍ତ୍ତରେ ମନରେ ସାନ୍ତ୍ୱନା ଆଣି ନିଜକୁ ନିଜେ ଗାଳିଦିଏ; ଛି କେଡ଼େ ଅଶୁଭ କଥାଗୁଡ଼ା ଭାବୁଛି ମୁଁ ।

ଦିନକର ସକାଳେ ମୋ'ର ଡାହାଣ ଆଖିଟା ଡେଉଁଥିଲା । ବୋଉକୁ ପଚାରିଲାରୁ ସେ କହିଲା, ପୁରୁଷଙ୍କର ଡାହାଣ ଆଖି ଡେଇଁଲେ ଖରାପ । ସେହିକ୍ଷଣି ମୁଁ ଗାଧୋଇ ବାହାରୁଛି, ମୋ ମୁଣ୍ଡ ଉପର ଦେଇ ଗୋଟାଏ ମାଟିଆ ଚଢ଼େଇ ଉଡ଼ିଗଲା । କେତେ କ'ଣ ଆଶଙ୍କା ଜାଗି ଉଠିଲା ମନରେ । ସେ ଦିନ ମୁଁ ମୋ'ର ପରିପାର୍ଶ୍ୱର ପ୍ରତ୍ୟେକ କ୍ଷେତ୍ରରେ ଅଶୁଭର ସୂଚନା ପାଉଥିଲି । ପେଟ ଭିତରେ ଦୁଃଖର ନିଆଁ କୁହୁଳି କୁହୁଳି ଜଳି ଉଠୁଥିଲା ।

ବହୁତ ଡେରିରେ ସ୍କୁଲରେ ପହଞ୍ଚିଲି । ଯାହା ଦେଖିଲି ସେଥିରେ ମୋ'ର ମନର ସନ୍ଦେହ ଘନୀଭୂତ ହୋଇ ଉଠିଲା । ବୋର୍ଡିଂ ପିଣ୍ଡାରେ ଜଣେ ଲୋକ ତାର ଟ୍ରଙ୍କ ଆଉ ବିଛଣାପତ୍ର ବନ୍ଧା ବନ୍ଧି କରୁଛି—ସ୍କୁଲର ସମସ୍ତ ଛାତ୍ର ଆଉ ଶିକ୍ଷକମାନେ ଯାଇଁ ପିଣ୍ଡାରେ ରୁଣ୍ଡ ହୋଇଛନ୍ତି । ସମସ୍ତଙ୍କ ମୁହଁରେ ବିଷାଦର କାଳିମା ।

ମୁଁ ଘଟଣା କ'ଣ ବୁଝିବାକୁ ଶଙ୍କାକୁଳ ପ୍ରାଣରେ ସେ ଲୋକଟିର ପାଖରେ ପହଞ୍ଚି ପଚାରିଲି, ପ୍ରଭା'ର କ'ଣ ଆଉ ବୋର୍ଡିଂକୁ ଆସିବ ନାହିଁ ? ତା' ବିଛଣାପତ୍ର କାହିଁକି ନେଇ ଯାଉଛ ? କାନ୍ଦ କାନ୍ଦ ହୋଇ ଲୋକଟି ଉତ୍ତରଦେଲା, ସିଏ କ'ଣ ଆଉ ଅଛି; କାଲି ରାତିରେ ପରା·········ତା'ର ସେହି ଅସମ୍ପୂର୍ଣ୍ଣ କଥା ପଦକ ଶେଲବିନ୍ଧ କଲାଭଳି ମୋ'ର ପ୍ରାଣରେ ଆଘାତ ଦେଲା । ମତେ ଜଣାଗଲା ଯେପରି ସମସ୍ତ ଆକାଶଟା ମୋର ମୁଣ୍ଡ ଉପରେ ଭାଙ୍ଗି ପଡ଼ୁଛି ଆଉ ତାରି ତଳେ ପେଷି ହୋଇ ମୁଁ ଚାଲିଯାଉଛି ରସାତଳକୁ । ଶୋକସଭା ଉଦ୍ଦେଶ୍ୟରେ ସମବେତ ହୋଇଥିବା ଶିକ୍ଷକ ଆଉ ଛାତ୍ରମାନଙ୍କ ସହିତ ଯୋଗ ନ ଦେଇ ମୁଁ ସେହିକ୍ଷଣି ଘରକୁ ପଳାଇ ଆସିଲି ।

.........ସିଏ ମୋର ପର ବୋଲି କହିବାକୁ ଜିଭ ନେଉନ୍ତୁ ନାହିଁ । ତଥାପି ତା' ସହିତ ମୋ'ର ଜନ୍ମଗତ ରକ୍ତର ସମ୍ପର୍କ ନାହିଁ, ଏହା ନିଶ୍ଚିତ କଥା । ତେବେ କାହିଁକି ଯେ ପର-ସ୍ମରକୁ ଏତେ ଭଲ ପାଉଥିଲୁ ଆଉ ତା' ବିୟୋଗରେ କାହିଁକି ମୁଁ ଆଜି ଏତେ କାତର ସେ କଥା ପିଲିମନ ମୋର ବୁଝିବାକୁ ଚେଷ୍ଟା କରେନା—ତଥାପି ମୁଁ ଏତିକି ବୁଝିଛି ସିଏ ଯାହାକୁ ଭଲ ପାଏ, ସେ ତା ନିଜର— ଭଲ ପାଇବା ମଧ୍ୟଦେଇ ରକ୍ତର ସମ୍ପର୍କ ସୃଷ୍ଟି ହୁଏ ।

ସେ ଦିନଟି ସାରା ତା କଥା ଭାବି ଭାବି ମୋର ଆଖି ଶୁଖିଲା ନାହିଁ । ଅତୀତର ସ୍ମୃତି ଯେତିକି ମନେ ପଡୁଥାଏ, ଅନ୍ତର ମଧ୍ୟରେ ଶୋକର ବାତ୍ୟା ତେତିକି ବେଗରେ ବହିଗଲେ । ଶେଷକୁ କ୍ରନ୍ଦନର ଆତିଶଯ୍ୟରେ କ୍ଳାନ୍ତ ହୋଇ ମୁଁ ନିଦରେ ଶୋଇ ପଡ଼ିଲି ଓ କିଛି ସମୟ ପରେ ସ୍ୱପ୍ନ ଦେଖିଲି—ସେ ଆର ପୁରରୁ ହାତଠାରି ମତେ ତା ନିକଟକୁ ଆହ୍ୱାନ କରୁଛି, କହୁଛି—ଏ ରାଇଜ ସେ ରାଇଜଠାରୁ ଆହୁରି ସୁନ୍ଦର—ସୁଖପ୍ରଦ । ତୁ ଏଇଠିକି ଚାଲିଆ—ସାଙ୍ଗ ହୋଇ ଖେଳିବା—ବୁଲିବା, ହସି ହସି ଦିନ ଗୁଡ଼ିକ କଟାଇ ଦେବା । ମତେ ଏକୁଟିଆ ଏଠି ଭଲ ଲାଗୁନାହିଁ । ମୁଁ ନିଦ ବାଉଳାରେ ତାର ଉତ୍ତର ଦେଲି; ହଁ, ମୁଁ ଯିବି ତୋ ଠାରୁ ମୋର ଆଉ କିଏ ବେଶି ଆପଣାର ଅଛିଯେ—ଏଠି ରହିବି । ସେହିକ୍ଷଣି କାର ଡାକରେ ମୋର ନିଦ ଭାଙ୍ଗିଗଲା । ଶୁଣିଲି, ବୋଉ ମତେ ପଚାରୁଛି; କଣ ସପନ ଦେଖିଲୁ କି ମା ? ମୁଁ କିଏ ଗିଣିଗିଣିଆ ସ୍ୱରରେ କହିଲି, ଭାରି ଶୋଷ ବୋଉ, ଟୋପାଏ ପାଣି— ସେ ମନରେ କଣ ଆଶଙ୍କା କଲା କେଜାଣି ମୋର କପାଳରେ ହାତ ରଖିଲା, ତା ପରେ ଚମକିଲା ପରି କହିଉଠିଲା,

ଇଲେ, ମୋ ସୁନାକୁ ଜରଲେ, ମୁଁ କଣ କରବ········ ମୁଁ ପୁଣି କହିଲି, ଟୋପାଏ ପାଣି ଦେ'ମ ବୋଉ, ଶୋଷରେ ମୋର ତଣ୍ଡି ଶୁଖିଯାଉଛି । ସେ ତରତରକ ଗିଲାସେ ମିଶିରିପାଣି ଆଣି ମତେ ପିଆଇ ଦେଲା—ରାତିଟି ସାରା ବସି ମୋର ଦେହ ମୁଣ୍ଡରେ ହାତ ବୁଲାଉଥାଏ । ମୋ' ପାଇଁ ଠାକୁରଙ୍କ ପାଖରେ କେତେ କଣ ମାନସିକ କରୁଥାଏ । କିନ୍ତୁ ମୁଁ ମନେ ମନେ ଠାକୁରଙ୍କ ପ୍ରତି ଠିକ୍ ତାର ବିପରୀତ ପ୍ରାର୍ଥନା କରେ ।

ଠାକୁର ବୋଧହୁଏ ବୋଉର ଗୁହାରି ନଶୁଣି ମୋର ଗୁହାରି ଶୁଣିଲେ । ମୋର ଜର କ୍ରମଶଃ ବଢ଼ିଲା—ବାପାଙ୍କ ପାଖକୁ ଚିଠିଗଲା । ସେ ବିଦେଶରୁ ଜଣେ ଡାକ୍ତରଙ୍କୁ ସାଙ୍ଗରେ ନେଇ ଆସିଲେ । ମୁଁ ତାଙ୍କର ଚିକିତ୍ସା ଅଧୀନରେ ରହିଲି ।

ଡାକ୍ତର ଯେତେବେଳେ ମୋର ରୋଗ ପରୀକ୍ଷାକରି ଔଷଧ ଦିଅନ୍ତି, ସେତେବେଳେ ମୋର ତାଙ୍କ ଉପରକୁ ଭୀଷଣ ରାଗହୁଏ । ସତେ ଯେପରି ସେ ମୋର ସୁଖ ପଥରେ ଏକ ପ୍ରତିବନ୍ଧକ ରୂପେ ଦେଖା ଦେଇଚନ୍ତି । ତାଙ୍କର ସେ ଔଷଧ ଶିଶିଗୁଡ଼ାକୁ ଭାଙ୍ଗି ଚୂରମାର କରି ଦେବାକୁ ଇଚ୍ଛା ହୁଏ ମୋର ।

ଡାକ୍ତର ଅକ୍ଳାନ୍ତ ପରିଶ୍ରମ କଲେ—ବାପାଙ୍କର ଟଙ୍କା ପାଣି ସୁଅପରି ବୋହି ଗଲା । କିନ୍ତୁ ମୋର ଅବସ୍ଥା ଭଲ ଆଡ଼କୁ ଗତି କଲାନାହିଁ । ଦିନେ ସେ ନିରାଶ ହୋଇ ବାପା ବୋଉଙ୍କୁ ପରିଷ୍କାର ଶୁଣାଇ ଦେଲେ, ଅବସ୍ଥା ସାଙ୍ଘାତିକ ଯେତେ ଶୀଘ୍ର ପାରନ୍ତି ହାସପାତାଳ ନେଇ ଯାନ୍ତୁ ।

ମୁଁ ହାସ୍‌ପାତାଳ ଆସିଲି, ତଥାପି ଦିନକୁ ଦିନ ମୋର ଅବସ୍ଥା ଆହୁରି ଶୋଚନୀୟ ହୋଇ ପଡ଼ିଲା । ଡାକ୍ତର ମାନଙ୍କର

ସମସ୍ତ ଚେଷ୍ଟା ବିଫଳ ହେଲା । ବାପା ବୋଉଙ୍କ ହୃଦୟର ପଞ୍ଜରା ଫଟାଇ ବାହାରି ଆସୁଥିଲା ହତାଶାର ଦୀର୍ଘଶ୍ୱାସ ।

× × ସେ ଦୂରରୁ ମତେ ସ୍ପଷ୍ଟ ଶୁଭୁଥିଲା ତାର ଡାକ । ଦିବ୍ୟ ଚକ୍ଷୁରେ ମୁଁ ଦେଖି ପାରୁଥିଲି ସେ ତାର ଦୁଇ ହାତ ପ୍ରସାରି ମତେ ତୋଳି ନେବା ପାଇଁ ହସି ହସି ଆଗେଇ ଆସୁଛି ।

———×———

## କୁହୁ-କୌମୁଦୀ

ତାଙ୍କର ନାମ ଗୋବିନ୍ଦ ଲାଲ—ମୋ'ଠାରୁ ବୟସରେ ତିନି ଚାରିବର୍ଷ ବଡ଼ ହେବେ । କେବଳ ଏଇ ଦୃଷ୍ଟିରୁ ସେ ମୋ'ର ଭକ୍ତିଭାଜନ ନୁହଁନ୍ତି । ମୁଁ ତାଙ୍କ କାଗଜକଲର ମ୍ୟାନେଜିଂ ଡିରେକ୍ଟର; ସୁତରାଂ ସେ ମୋ'ର ପ୍ରଭୁ—ପୂଜ୍ୟସ୍ପଦ ।

କିନ୍ତୁ ତାଙ୍କର ବ୍ୟବହାରରୁ ମୁଁ କେବେ ହେଲେ ପ୍ରଭୁତ୍ୱର ସୂଚନା ପାଇନି । ତାଙ୍କ ମୋ ମଧ୍ୟରେ ସମ୍ପର୍କ ସାଧାରଣ ପ୍ରଭୁ ଓ ଭୃତ୍ୟର ସଂପର୍କଠାରୁ ବହୁତ ଉଚ୍ଚରେ ।

ସିନେମା ଦେଖାଠାରୁ ଆରମ୍ଭ କରି ରେଷ୍ଟୁରାଣ୍ଟରେ ଗୁଁ' ଜଳଖିଆ ଖାଇବା ପର୍ଯ୍ୟନ୍ତ ପ୍ରତ୍ୟେକ ଅବସରରେ ମୁଁ ତାଙ୍କ ସହିତ ଅଂଶ ଗ୍ରହଣ କରିଚି ଜଣେ ଅନ୍ତରଙ୍ଗ ବନ୍ଧୁ ପରି । ମୁଁ ତାଙ୍କର ସୌଜନ୍ୟ ଓ ଉଦାରତାକୁ ସମ୍ମାନ କରେ—ସେ ମୋ'ର କର୍ତ୍ତବ୍ୟକୁ ପ୍ରଶଂସା କରନ୍ତି ।

ନଂ..........
ତା..........

ମୁଁ ତାଙ୍କୁ ଦିନେ ଏକ ନୂତନ ବ୍ୟକ୍ତି ଭାବରେ ଆବିଷ୍କାର କରିଥିଲି । ଆଜି ସେହି ଦିନଠାରୁ ମୋ' ଜୀବନରେ ଏକ ନୂତନତ୍ୱର ସୂତ୍ରପାତ ହେଲା ।

ସେଦିନ ଏହି ସହରରେ ଭାରତର ସମସ୍ତ କାଗଜ କଳ ମାଲିକଙ୍କର ଏକ ସମ୍ମିଳନୀ ବସିଥାଏ । ମୁଁ ତାଙ୍କ ସହିତ ଏହି ସମ୍ମିଳନୀରେ ଯୋଗ ଦେବାକୁ ଯାଇଥିଲି—ଫେରୁ ଫେରୁ ବହୁତ ରାତି ହୋଇ ଯାଇଥିଲା ।

ଚୌରଙ୍ଗୀ ଷ୍ଟ୍ରୀଟ ଦେଇ ଆମ କାର ଫେରୁଛି, ସେ ନିଜେ ଡ୍ରାଇଭିଂ କରୁଛନ୍ତି – ହଠାତ୍ ଏକ ସୁନ୍ଦର କୋଠାଘର ନିକଟରେ ଗାଡ଼ିରେ ବ୍ରେକ ଦେଇ ସେ ବାହାରକୁ ଆସିଲେ ଓ ମତେ ତାଙ୍କର ଅନୁସରଣ କରିବାକୁ ଇଙ୍ଗିତ ଦେଲେ । ଗାଡ଼ିରୁ ଓହ୍ଲାଇ ଓହ୍ଲାଇ ମୁଁ ଟିକିଏ ପ୍ରଶ୍ନବାଚୀ ନୟନରେ ତାଙ୍କ ମୁହଁକୁ ଚାହିଁଲି । ସେଇଠୁ ସେ ମୋ' କାନ୍ଧରେ ହାତ ପକାଇ ହସି ହସି କହିଲେ, ଜୀବନର ଉପଭୋଗ କରିବା ଜଣେ କବି ପକ୍ଷରେ କଣ ନିହାତି ବାଞ୍ଛନୀୟ ନୁହେଁ ? ଏତିକି କହି ସେ ମତେ ଅଭ୍ୟର୍ଥନା କଲାଭଳି ସେହି କୋଠାଘର ମଧ୍ୟକୁ ନେଇଗଲେ । ଏ ସବୁର ଅର୍ଥ ମୁଁ ବୁଝିବାକୁ ଚେଷ୍ଟା କରୁଥିଲି ।

ଗୃହର ଏକ ପ୍ରକୋଷ୍ଠ ମଧ୍ୟରେ ପ୍ରବେଶ କରି ସେ ସୁସଜ୍ଜିତ ପଲଙ୍କଟି ଉପରେ ବସି ପଡ଼ିଲେ ଓ ମତେ ବସିବାକୁ ଇଙ୍ଗିତ ଦେଲେ । ମୁଁ ତାଙ୍କଠାରୁ ଦୁଇହାତ ଛଡ଼ାରେ ବସି ମୁଗ୍ଧ ପ୍ରାଣରେ ଗୃହର ଅପୂର୍ବ ସାଜସଜ୍ଜା ପ୍ରତି ଦୃଷ୍ଟିପାତ କରିବାରେ ଲାଗିଲି । ସେ କାହାର ଘର ଓ ଅସମୟରେ ଏଠାକୁ ଆସିବାର କାରଣ

କଣ, ଏହି ପ୍ରଶ୍ନରେ ମୋର ଅନ୍ତର ବାରମ୍ବାର ଆଲୋଡ଼ିତ ହୋଇ ଉଠୁଥିଲା ।

କେତୋଟି ମୁହୂର୍ତ୍ତ ପରେ ସେଗୃହରେ ପଦାର୍ପଣ କଲେ ଜଣେ ତରୁଣୀ । ଅଙ୍ଗେ ଅଙ୍ଗେ ଅନନ୍ୟ ସୁଷମାର ତରଙ୍ଗ, ନୟନରେ ଋଷି ମନୋହାରୀ କଟାକ୍ଷ, ଓଠରେ ଉନ୍ମାଦକାରୀ ହାସ୍ୟ—ଆଉ ପାଦର ଗତି ଛନ୍ଦୋମୟ ।

ତରୁଣୀଟି ପ୍ରେମ ପୂର୍ଣ୍ଣ ଭଙ୍ଗୀରେ ପ୍ରଥମେ ତାଙ୍କୁ ଅଭିବାଦନ କରି ପଲଙ୍କ ଉପରେ ଉପବିଷ୍ଟା ହେଲେ । ଗୋବର୍ଦ୍ଧନ ବାବୁ ତାଙ୍କୁ ମୋର ପରିଚୟ ଦେଇ କହିଲେ, ଏ ହେଉଛନ୍ତି ଆମ ସନ୍‌ସାଇନ୍ ପେପର ମିଲ୍‌ସର ମ୍ୟାନେଜିଂ ଡିରେକ୍ଟର ଶ୍ରୀଯୁକ୍ତ ଚନ୍ଦ୍ରମୋହନ ପଟ୍ଟନାଏକ -ମୋର ଜଣେ ବିଶିଷ୍ଟ ବନ୍ଧୁ । ତରୁଣୀଟି ମୋ ଆଡ଼କୁ କଟେଇ କଟେଇ ଚାହିଁ ହସୁଥାନ୍ତି । ତାଙ୍କର ଗୃହିଣୀରୁ, ମୁଁ ଟିକଏ ଟିକଏ ବିଷୟର ସୂଚନା ପାଉଥିଲି । ତା ପରେ କଥାର ଗତି ବଦଳାଇ ଗୋବର୍ଦ୍ଧନ ବାବୁ ପୁଣି ଆରମ୍ଭ କଲେ, ବାସ୍ତବିକ ରମା; ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ପାଇଁ ସୌନ୍ଦର୍ଯ୍ୟର୍ହିଁ ଏକାନ୍ତ ଲୋଡ଼ା । ଆଜିର ଏ ଜ୍ୟୋତ୍ସ୍ନାରାତି ମୋର ପ୍ରାଣକୁ ଯଦି ପୁଲକିତ କରୁଥାଏ, ତାହା କେବଳ ତୁମରି ପାଇଁ । ଆସ ରମା, ଗୋଟିଏ ଗୀତ ଗାଅ ତ ! ରମା ଭାୟୋଲିନ୍ ସାହାଯ୍ୟରେ ମଧୁର କଣ୍ଠରେ ଗୀତ ଗାଇବାକୁ ଲାଗିଲା । ସେ କଣ୍ଠରେ ଭରି ରହିଥିଲା ମାଦକତା । ତାର ଗୀତ ଗାଇବା ଭଙ୍ଗୀରେ ମୁଁ ଆତ୍ମହରା ହୋଇ ଉଠୁଥିଲି ।

ତରୁଣୀଟି ଜଣେ ରୂପଜୀବିନୀ, ଏ କଥା ଏ ପର୍ଯ୍ୟନ୍ତ ମତେ ଅଜ୍ଞାତ ନଥିଲା । ଗୋବର୍ଦ୍ଧନ ବାବୁଙ୍କ କଥା ଭାବି ମୁଁ ମନେ ମନେ

ବର୍ଣ୍ଣିତ ହୋଇଥିଲା । ଯାହାଙ୍କର ବ୍ୟବହାର ଏଡ଼େ ଅମାୟିକ, ବ୍ୟକ୍ତିତ୍ୱ ଏଡ଼େ ମହାନ୍, ସେ ପୁଣି ଏପରି ବେଶ୍ୟାସକ୍ତ ହୋଇ ପାରନ୍ତି ?

ରମାର ଗୀତ ଶେଷ ହେଲା । ଗୋବିନ୍ଦ ବାବୁ ଭାବ ବିହ୍ୱଳ କଣ୍ଠରେ କହି ଉଠିଲେ, ଚମତ୍କାର । ତାଙ୍କ ପଛେ ପଛେ ମୋ ପାଟିରୁ ମଧ୍ୟ ଅଜାଣତରେ ବାହାରି ପଡ଼ିଲା, ବାସ୍ତବିକ ଚମତ୍କାର । ସେଇଠୁ ସେ ମୋ ଆଡ଼େ ଟିକିଏ ଦୃଷ୍ଟି ନିକ୍ଷେପ କରି ରମାକୁ କହିଲେ, ଆଚ୍ଛା ରମା, ନୂତନ ଆଗନ୍ତୁକଙ୍କ ଆବିର୍ଭାବରେ ତୁମେ ଆଜି ସୁଖୀ ତ ?

ଆଜି ମୋର ଶୁଭ ରାତି । ବିହ୍ୱଳିତ କଣ୍ଠରେ ଏତିକି କହି ରମା ମୋ' ପ୍ରତି ଏପରି ଏକ ଗଭୀର ଦୃଷ୍ଟିପାତ କଲା ଯେ ମୁଁ ଲଜ୍ଜାରେ ସଙ୍କୁଚିତ ହୋଇ ପଡ଼ିଲି । ସଙ୍ଗେ ସଙ୍ଗେ ମୋ ପାଖକୁ ଲାଗି ଆସି ମୋର ଲଜ୍ଜାଶୀଳତା ପ୍ରତି ନିଜର ମନ୍ତବ୍ୟ ପ୍ରକାଶ କରି ରମା କହିଲା—ବିଂଶ ଶତାବ୍ଦିର ଯୁବକମାନଙ୍କ ପକ୍ଷରେ ଲାଜ କରିବାଟା ଗୋଟାଏ ଦୁର୍ବଳତା ଛଡ଼ା ଆଉ କିଛି ନୁହେଁ । ସହସା ମୁଁ ଆବିଷ୍କାର କଲି ରମା ମୋର ପ୍ରଶସ୍ତ ବକ୍ଷ ଉପରେ ଢଳି ପଡ଼ୁଛି । ମୁଁ ଟିକିଏ ଅପସରି ଯାଉ ଯାଉ ସେ ମତେ ନିଜର ବକ୍ଷଆଡ଼କୁ ଟାଣି ନେଇ ମିନତି ପୂର୍ଣ୍ଣକଣ୍ଠରେ କହିଲା, ପୁରୁଷ ହୋଇ ଆପଣ ଏଡ଼େ ଦୁର୍ବଳ—ଛି ! ଠିକ୍ ତା ପର ମୁହୂର୍ତ୍ତରେ ବିଜୁଳି ଆଲୁଅଟା ଲିଭିଗଲା । କିଛି ସମୟପରେ ମୁଁ ମୋର ଗଣ୍ଡରେ ରମାର ଉଷ୍ଣ ନିଶ୍ୱାସର ସ୍ପର୍ଶ ଅନୁଭବ କଲି । ବିରକ୍ତ ଲାଗିଲା ମତେ । ମୋ ପ୍ରଭୁଙ୍କର ଉପସ୍ଥିତିରେ ଗୋଟାଏ ବେଶ୍ୟାର ମୋ' ପ୍ରତି ଏପରି ଅଶ୍ଳୀଳ ଆଚରଣରେ ମୁଁ କ୍ଷୁବ୍ଧ ହୋଇ ଉଠିଲି ।

ସଙ୍ଗେ ସଙ୍ଗେ ବଜଳୀ ବଷ୍ଟାର ସୁଇଚ୍ ଟିପି ଦେଖିଲି ମୋ' ପ୍ରଭୁଙ୍କର ଆସନ ଶୂନ୍ୟ । ସେ ଯେ ଜାଣି ଜାଣି ସେଠାରୁ ଅନ୍ତର୍ଦ୍ଧାନ ହୋଇଛନ୍ତି, ଏହା ମୁଁ ସ୍ପଷ୍ଟ ବୁଝି ପାରିଲି । ତାଙ୍କ ପ୍ରତି ମୋର ମନ ସନ୍ଦେହରେ ପରିପୂର୍ଣ୍ଣ ହୋଇ ଉଠିଲା । ମତେ ଏପରି ଅସ-ମୟରେ ଏକ ବେଶ୍ୟାଳୟରେ ଏକାକୀ ଛାଡ଼ି ଦେଇ ଚାଲି ଯିବାରେ ତାଙ୍କର କି ସ୍ୱାର୍ଥ ଅଛି, ଏହି କଥା ଭାବି ଭାବି ମୁଁ ଆଶ୍ଚର୍ଯ୍ୟ ହେଲି । ମତେ ଅଧିକ ଚିନ୍ତା କରିବାକୁ ନ ଦେଇ ରମା ମାଦକତା ଭରା ଭଙ୍ଗୀରେ କହିଲା, ମୋର ଅନୁରୋଧ, ଆଜି ରାତିକ ଆପଣ ଏଇଠି ରୁହନ୍ତୁ । ମୁଁ କିଛି ନକହି ଏକ ଦୀର୍ଘ ଶ୍ୱାସ ତ୍ୟାଗକଲି । ରମା ସ୍ମିତହାସ୍ୟ କରି ମୋର ମୁହଁକୁ ତାର କୋମଳ ବକ୍ଷ ଆଡ଼କୁ ଟୋଳି ନେଇ ନେଇ କହିଲା, କ'ଣ ରହିବେ ନ ? ସହସା ମୁଁ ଅପସରି ଯାଇ ବିରକ୍ତିପୂର୍ଣ୍ଣ କଣ୍ଠରେ କହି ଉଠିଲି, ଓଃ ଚୁପ କର । ମୋର ଏଇ କଥା ପଦକ ବୋଧହୁଏ ତାକୁ ଆଘାତ ଦେଲା । ମୁହଁର ଦୀପ୍ତି ଲିଭି ଆସିଲା ତାର । କିନ୍ତୁ ମୁଁ ସେଥିପ୍ରତି ଭ୍ରୂକ୍ଷେପ ନ କରି କ୍ଷିପ୍ର ପଦକ୍ଷେପରେ ସେ ସ୍ଥାନ ତ୍ୟାଗ କଲି । ଆଶାୟୀ ହରିଣୀଟି ପରି ରମା ମୋର ପଛେ ପଛେ ବାହାର ପର୍ଯ୍ୟନ୍ତ ଆସିଲା । ଏକମୁହାଁ ହୋଇ ରାଜ ରାସ୍ତାକୁ ପାଦ ବଢ଼ାଉ ବଢ଼ାଉ ଅଜାଣତରେ ମୋର ଆଖି ଦୁଇଟା ତା ଉପରେ ପଡ଼ି ଯିବାରୁ ଦେଖିଲି, ସେ ମିନତିଭରା ନୟନରେ ମୋ ଆଡ଼କୁ ଚାହିଁ ରହି ଅଶ୍ରୁ ଝରାଉଛି । ସେଦିନ ମୁଁ ଏକ ନୂଆ କଥା ଆବିଷ୍କାର କଲି । ବାରାଙ୍ଗନାର ଆଖିରୁ ମଧ୍ୟ ସହାନୁଭୂତିର ଲୁହ ଝରିପାରେ । ଏକଥା ଭାବି ଭାବି ମୁଁ ଆଶ୍ଚର୍ଯ୍ୟ ହେଉଥିଲି ମଧ୍ୟ ।

ନାରୀର କାରୁଣ୍ୟ ପୁରୁଷର ପ୍ରାଣରେ ବିଶେଷ ପ୍ରଭାବ ପକାଏ । ତେଣୁ ନାରୀ ପ୍ରତି ସହାନୁଭୂତି ପ୍ରକାଶ କରିବା

ପୁରୁଷର ଚରିତଗତ ପ୍ରବୃତ୍ତି । ରମା ଗଣିକା ହେଲେ ମଧ୍ୟ ନାରୀ-ସୁଲଭତାର ବହିର୍ଭୂତା ନୁହେଁ । ସୁତରାଂ ତା'ର ଆଖି ଲୁହ ସେଦିନ ମୋର ହୃଦୟରେ ରେଖାପାତ କରିଥିଲା । ଫେରିବା ବାଟରେ ମୁଁ କେବଳ ତା'ରି କଥା ଭାବି ଭାବି ଚାଲିଥାଏ । ତା' ପ୍ରତି ମୋର ହୃଦୟ କ୍ରମେ ସହାନୁଭୂତିଶୀଳ ହୋଇ ଉଠୁଥିଲା କହିଲେ ଭୁଲ ହେବ ନାହିଁ ।

ବସାରେ ପହଞ୍ଚି ସଙ୍ଗେ ସଙ୍ଗେ ବିଛଣା ଧରିଲି, କିନ୍ତୁ ନିଦ ଆସିଲା ନାହିଁ । ରମାର ଅଶ୍ରୁ ଛଳ ଛଳ ଆଖି ଦୁଇଟିର ମିନତି ପୂର୍ଣ୍ଣ ଚାହାଣି ବାରମ୍ବାର ମନେ ପଡ଼ି ମୋର ଅନ୍ତରକୁ ବ୍ୟଥିତ କରି ପକାଉ ଥାଏ । ଜଣେ ନାରୀ ହିସାବରେ ସେ' ମୋ ପାଇଁ ଯେଉଁ ପ୍ରଣୟର ଅର୍ଘ୍ୟ ଥାଳଟି ଉତ୍ସର୍ଗ କରିଥିଲା, ତାକୁ ଉପେକ୍ଷା କରି ତାର ପ୍ରାଣରେ ମୁଁ ଯେଉଁ ଆଘାତ ଦେଇଛି, ସେଥିପାଇଁ ମୋର ବିବେକ ମତେ ଦଂଶନ କରିବାକୁ ଲାଗେ ।

କ୍ରମେ ମୋ' ଜୀବନରେ ଘଟିଲା ଏକ ବିରାଟ ପରିବର୍ତ୍ତନ । ରମା ବିଷୟ ଚିନ୍ତା କରିବା ସେହି ଦିନଠାରୁ ମୋର ଏକ ମାନସିକ ରୋଗ ହୋଇ ପଡ଼ିଲା । ସମୟ ସମୟରେ ପ୍ରକୃତିସ୍ଥ ହୋଇ ମୁଁ ଏକ ବାରାଙ୍ଗନା ବିଷୟରେ ଚିନ୍ତା କରିବା ପାପ ବୋଲି ଭାବି ସେଥିରୁ ବିରତ ହେବା ପାଇଁ ମନେ ମନେ ପ୍ରତିଜ୍ଞା କରେ । କିନ୍ତୁ ପର ମୁହୂର୍ତ୍ତରେ ତାର ପ୍ରତିବାଦ କରେ, ବାରାଙ୍ଗନା ହେଲେବି ସେ ନାରୀ; ପୁରୁଷର ପ୍ରେମ ପାଇବାକୁ ତାର ହକ୍ ଅଧିକାର ଅଛି । ଦିନକୁ ଦିନ ମୋର ହୃଦୟରେ ରମାର ଚିନ୍ତା ଘନରୁ ଘନତର ହୋଇ ଉଠେ ।

ଗୋପଗୃନ୍ଦବାବୁଙ୍କ ସହିତ ପ୍ରତ୍ୟହ ଆଳାପ ଜମେ। ବନ୍ଧୁ ତାର ସ୍ୱାଗତ ଜଣାଇ ସେ ମତେ ହସି ହସି କେତେ କଥା କହନ୍ତି । କିନ୍ତୁ ନ ଜାଣିଲା ଲୋକପରି ସେଦିନ ଘଟିତ-ଘଟଣା ସମ୍ବନ୍ଧରେ ଆଉ କୌଣସି ପ୍ରସଙ୍ଗ ଉତ୍‌ଥାପନ କରନ୍ତି ନାହିଁ । ଇମା ନେଇ ମୁଁ ଚିନ୍ତିତ, ଏହା ତାଙ୍କ ନିକଟରେ ଗୋପନୀୟ ରଖିବାକୁ ଯେତେ ଚେଷ୍ଟା କଲେବି ଜଣାଯାଏ ଯେପରି ମୁଁ ଆପେ ଆପେ ଧରାପଡ଼ି ଯାଉଛି । କିନ୍ତୁ ସେ ସବୁ ଜାଣି ନ ଜାଣିବା ଭଳି ରହନ୍ତି ।

× × ×

ଇମା ବାରାଙ୍ଗନା—ତାର ନିଶ୍ୱାସରେ ବିଷ—କଟାକ୍ଷରେ ଅଗ୍ନିକଣା, ସେ ମଣିଷ ଜୀବନର ଧ୍ୱଂସର ପଥ ପରିଷ୍କାର କରେ । ଏହା ବୁଝି ମଧ୍ୟ ଅନାସ୍ୱାଦ୍ୟ ମନ ମୋର ଅମୃତର ସ୍ୱପ୍ନରେ ପାଗଳ ହୁଏ ।

ଦିନେ ଏକ ମନୋରମ ସନ୍ଧ୍ୟାରେ ଆକସ୍ମିକ ଭାବେ ମୁଁ ଇମାର ଗୃହରେ ପଦାର୍ପଣ କଲି । ସେ ନିଜକୁ ଅପ୍‌ସରାଟି ପରି ସଜାଇ ଅର୍ଦ୍ଧଶାୟିତା ଭାବରେ ଗୁଣୁ ଗୁଣୁ କରି ଗୀତ ଗାଉଥିଲା । ମୋର ଆବିର୍ଭାବ ସେ ଲକ୍ଷ୍ୟ କରି ପାରି ନ ଥାଏ । ମୁଁ ପଛ ଆଡ଼ୁ ଧୀରେ ଧୀରେ ଯାଇଁ ତାର ଦୁଇ ଆଖି ବୁଜି ଧରିଲି । ସେ ତାର କୋମଳ ହାତ ଦୁଇଟିରେ ମୋ ପାପୁଲିକୁ ତାର ଆଖି ଉପରୁ ଉଠାଇ ଉଠାଇ କହିଲା, ହଉ ଛାଡ଼, ମୁଁ ଜାଣିଲି ଯେ—ମୁଁ ହାତ ଖସାଇ ନେବା ସଙ୍ଗେ ସଙ୍ଗେ ସେ ବୁଲିପଡ଼ି ମୋ ମୁହଁକୁ ଚାହିଁଦେଇ କହି ଉଠିଲା, ଆ···ପ···ଣ ! ଆନନ୍ଦ ଆଉ ବିସ୍ମୟରେ ତାର ମୁହଁଟି ଏକ ଅପୂର୍ବ ରୂପ ଧାରଣ କରୁଥିଲା । ମୁଁ ସ୍ମିତ ହାସ୍ୟ କରି ତାର ମୁହଁକୁ ଚାହିଁ ରହିଥାଏ । ସେହି ହାସ୍ୟଚ୍ଛଳରେ ମୁଁ ଯେପରି ମୋର ଅପରାଧ ସ୍ୱୀକାର କରୁଛି ।

କଥାରେ ଯଥା ସମ୍ଭବ ନମ୍ରତା ରଖି ରମା ମତେ ନିବେଦନ କଲାଭଳି କହିଲା, ବସିବାରେ କିଛି ଆପତ୍ତି ଅଛି କି ?

ଆପତ୍ତି ନାହିଁ, ବରଂ ଆନନ୍ଦ ଅଛି । କହୁ କହୁ ମୁଁ ରମାର ସୁକୋମଳ ଶଯ୍ୟା ଉପରେ ଅର୍ଦ୍ଧଶାୟିତ ଭାବରେ ବସିପଡ଼ିଲି । ସେ ମୋର ପାଖକୁ ଲାଗି ଆସି ଅଭିମାନଭରା ସ୍ୱରରେ କହିଲା, ଆପଣ ଭାରି ନିଷ୍ଠୁର—

ନିଷ୍ଠୁରତାର କଣ କ୍ଷମା ନାହିଁ ?

କ୍ଷମା—ଛି...... ! ମୋ' କପାଳର ଝାଳ ବିନ୍ଦୁ ପଣତକାନିରେ ପୋଛି ଦେଲା ରମା ମୁଁ ତାକୁ ବକ୍ଷ ଉପରକୁ ଆଉଜେଇ ଆଣି ତାର ଚୂର୍ଣ୍ଣ କୁନ୍ତଳ ଗୁଚ୍ଛକୁ ହାତରେ ସାଉଁଳେଇ ସାଉଁଳେଇ କହିଲି, ସତେ ରମା, ତୁମନେଇ ମୁଁ ଭାରି...... ସେ କିଛି ନକହି ମୋ ଛାତିରେ ମୁହଁ ଗୁଞ୍ଜିଦେଲା । ମୁଁ ମୋର ବକ୍ଷ ଉପରେ ଲୋତକର ଉଷ୍ମ ସ୍ପର୍ଶ ଅନୁଭବ କରି ଦେଖିଲି ରମା କାନ୍ଦୁଛି । ତା'ର ଆଖିରୁ ଲୁହ ପୋଛି ଦେଉଁ ଦେଉଁ ମୁଁ କହିଲି, ଛି ରମ, କାନ୍ଦୁଛ ତୁମେ ! ସେ ତାର କଅଁଳ ହାତଟିକୁ ମୋ ହାତରେ ଛନ୍ଦିଦେଇ ଗଦ୍‌ଗଦ ସ୍ୱରରେ କହିଲା, ମୋର ଆଜି କେଡ଼େ ଭାଗ୍ୟ ସତେ ! ମୁଁ ଆନନ୍ଦରେ ଆତ୍ମହରା ହୋଇ ତାକୁ ବୁକୁରେ ଚାପି ଧରିଲି । ସେ ପୁଣି ଉନ୍ମାଦିନୀଙ୍କ ଭଳି କହି ଉଠିଲା; ସତ କୁହନ୍ତୁ, ଆପଣ ମତେ ଭଲ ପାଆନ୍ତି ?" ମୁଁ ଆତୁର ନିବିଡ଼ ଭାବରେ ଛାତିରେ ଜଡ଼ାଇ ଧରିଲି ତାକୁ । ସେ ଆତ୍ମହରା ହୋଇ ଉଠୁଥିଲା ଆଉ ସେଇଥିରୁ ପାଉଥିଲା ତା ପ୍ରଶ୍ନର ଯଥାର୍ଥ ଉତ୍ତର । ଏକ ଅଭୂତପୂର୍ବ ଆନନ୍ଦର ଆତିଶଯ୍ୟରେ ସେହି କିଛିକ୍ଷଣ ପାଇଁ ପ୍ରାଣ ମୋର ବିଭୋର ହୋଇ ଉଠିଥିଲା ।

......ଅନ୍ୟଦିନ ଆସିବାର ପ୍ରତିଶ୍ରୁତି ଦେଇ ମୁଁ ଯେତେବେଳେ ରମାପାଖରୁ ବିଦାୟ ନେବାକୁ ପ୍ରସ୍ତୁତ ହେଲି, ସେତେବେଳେ ତାର ପଲକହୀନ ଦୃଷ୍ଟି ମୋ ଉପରେ ନିବଦ୍ଧ ଥିଲା । ସେଥିରୁ ଜଣା ପଡୁଥିଲା ସତେ ଯେପରି ମୋ ପାଖରେ ତାର ବହୁତ କଥା ଅକୁହା ରହି ଯାଇଛି ।

ରମା ସହିତ ମୋର ସଂପର୍କ ଯେତିକି ନିବିଡ଼ ହେଉଥାଏ, ତାର ଚିନ୍ତା ମୋର ମନ ମଧ୍ୟରେ ସେତିକି ବେଶୀ ବେଶୀ ସ୍ଥାନ ପାଏ । ଅନେକବାର ମୁଁ ଯାଇଁ ତା ସହିତ ଆଳାପ କରି ବହୁତ ରାତିରେ ବସାକୁ ଫେରେ । ଗୋବିନ୍ଦବାବୁ ସବୁ ଜାଣି ମଧ୍ୟ ପୂର୍ବପରି ନୀରବ ଥାନ୍ତି । ସେ ବିଷୟ ନେଇ ମୋ ସହିତ କୌଣସି ଦିନ କିଛି ଆଲୋଚନା କରନ୍ତି ନାହିଁ । ମୁଁ ମନେ ମନେ ବିସ୍ମିତ ହୁଏ, ଯିଏ ମତେ ପ୍ରଥମେ ଜାଣିଜାଣି ଏ ବିଷୟରେ ପ୍ରେରଣା ଦେଇଥିଲେ, ସେ ଆଜି ଏପରି ନୀରବ କାହିଁକି ? ଏହା ମଧ୍ୟରେ କୌଣସି ଗୂଢ଼ ରହସ୍ୟ ନାହିଁତ !

ସମୟ ସମୟରେ ମୁଁ ପ୍ରକୃତିସ୍ଥ ହୋଇ ମୋର ଅଧୋଗତି ସମ୍ବନ୍ଧରେ ଚିନ୍ତାକରେ । ଏଥିପାଇଁ ଗୋବିନ୍ଦବାବୁଙ୍କୁ ଦୋଷ ଦେବା ସଙ୍ଗେ ସଙ୍ଗେ ନିଜ ପ୍ରତି ଘୃଣା ଆସେ, ମୋର ।ମୁଁ ଗୋଟାଏ ବେଶ୍ୟାସକ୍ତ—କୁଳର କଳଙ୍କ; କିନ୍ତୁ ପର ମୁହୂର୍ତ୍ତରେ ସେ ସବୁ ଭାବନା କୁଆଡ଼େ ଅପସରି ଯାଏ । ଆଖି ଆଗରେ ନାଚିଉଠେ ରମାର ଢଳ ଢଳ ରୂପ ଯୌବନ ଆଉ ପ୍ରେମୋମୟ ଭଙ୍ଗୀ । ମୁଁ ପାଗଳ ହୋଇଉଠେ ।

ଦିନେ ମୁଁ ଆକସ୍ମିକ ଭାବେ ରମାର ଗୃହରେ ପହଞ୍ଚି ଦେଖିଲି ସେ ହାତରେ ଏକ ଆଲୋକ ଚିତ୍ରଧରି ନିର୍ନିମେଷ

ନୟନରେ ସେ ଆଡ଼କୁ ଗୁହିଁ ଲୁହ ଗଡ଼ାଉଛି । ମତେ ଦେଖି ସେ ତରତରକ ଆଖିରୁ ଲୁହ ପୋଛି ପକାଇ ପ୍ରକୃତିସ୍ଥ ହେବାକୁ ଚେଷ୍ଟା କଲା; କିନ୍ତୁ ପାରିଲା ନାହିଁ । ମୋର ଖାପ୍‌ସ୍ତଦୃଷ୍ଟି ନିକଟରେ ତା ମନର ଭାବ ଆପେ ଆପେ ଧରା ପଡ଼ିଗଲା । ମୁଁ ବିସ୍ମୟ ଆଉ ସମବେଦନାର ସ୍ୱରରେ କହିଲି, ତୁମେ କାନ୍ଦୁଛ ଯେ—କି ଫଟୋ ଇଏ ଦେଖେ— ତା ହାତରୁ ଆଲେକ ଚିତ୍ରଟି ନେଇ ଦେଖିଲି ତାହା ଏକ ସୁନ୍ଦର ହାସ୍ୟମୟ ତରୁଣଙ୍କର ପ୍ରତିକୃତି । ଆକସ୍ମିକ ଭାବରେ ପୁଣି ମୋର ପାଟିରୁ ବାହାରି ପଡ଼ିଲା, ଏ ଫଟୋ କାହାର ରମା ? ସେ କିଛି ନକହି ତଳକୁ ମୁହଁ ପୋତି ଠିଆ ହେଲା । ତା ହୃଦୟର ପଞ୍ଜର ଥରାଇ ବାହାରି ଆସିଲା ଗୋଟିଏ ଦୀର୍ଘ ଶ୍ୱାସ—ସତେ ଯେପରି ବହୁ ଦିନର ପୁଞ୍ଜୀଭୂତ ବେଦନାର ଏକ ରୂପ ସେ ! ମୁଁ ଶଙ୍କାକୁଳ ପ୍ରାଣରେ ଆଉଥରେ ତାକୁ ପଚାରିଲି, ରମା, ଏ ଫଟୋ କାହାର ?

ଏଥର ସେ ମୋ ପ୍ରଶ୍ନର ଉତ୍ତର ଦେଲା, ସେ ଫଟୋ··· ସେ ଫଟୋ······ନା ନା—ସେ ବହୁତ କଥା । ସେ କଥା ଆପଣଙ୍କୁ କହି ମୋର ଅନ୍ତର ମଧ୍ୟରେ ଜଳୁଥିବା ଅଗ୍ନି ଶିଖାରେ ଘୃତାହୁତି ଦେବନାହିଁ ।

ରମାର ଏକଥା ଶୁଣି ମୁଁ ଆହୁରି ଆଶ୍ଚର୍ଯ୍ୟ ହେଲି । ତା ଜୀବନ ସହିତ ଯେ ଏକ ଇତିହାସ ଜଡ଼ିତ ଅଛି, ଏ କଥା ସ୍ପଷ୍ଟ ବୁଝି ପାରିଲି ମୁଁ । ତା ପରେ ପଚାରିଲି, "ତୁମ ଜୀବନର ଯଦି କିଛି ଇତିହାସ ଥାଏ, ତାହା ମୋ ଆଗରେ ପ୍ରକାଶକଲେ କିଛି କ୍ଷତି ଅଛି ?

ସେ କହିଲା, କ୍ଷତିର କିଛି ନାହିଁ । ତେବେ ସେ ବୁକୁଫଟା କାହାଣୀ ମନେ ପଡ଼ିଲେ ମୋର ଧୈର୍ଯ୍ୟଚ୍ୟୁତି ଘଟେ—

କହିବା ତ ଦୂରର କଥା । ରମାର ଅତୀତ ଜୀବନର ଇତିହାସ ଜାଣିବା ପାଇଁ ମୋର ମନ ଅତି ଚଞ୍ଚଳ ହୋଇ ଉଠୁଥିଲା । ମୁଁ କହିଲି, ଧୈର୍ଯ୍ୟ ଧରିବା ମଣିଷ ପକ୍ଷରେଇ ସମ୍ଭବ । ଯଦି ମୁଁ ଅନୁରୋଧ କରେ ମୋ ପାଇଁ କଣ ଧୈର୍ଯ୍ୟ ଧରିବାର କଷ୍ଟ ଟିକକ ସ୍ୱୀକାର କରିବାକୁ କୁଣ୍ଠିତ ହେବ ତୁମେ ?

କିଛିକ୍ଷଣ ନୀରବ ରହି ରମା ଆରମ୍ଭ କଲା, ତେବେ ଶୁଣନ୍ତୁ ଏ ହୀନମନା କଳଙ୍କମୟୀ ଜୀବନର ଇତିହାସ—ମୁଁ ଥିଲି ଓଡ଼ିଶାର ଏକ ପଲ୍ଲୀ ଗାଆଁରେ ଗୋଟିଏ ଦରିଦ୍ର ଖଣ୍ଡାୟତ ବଂଶର କୁଳବଧୂ । ଯେଉଁ ଫଟୋଟି ଦେଖୁଛନ୍ତି, ତାହା ମୋ' ସ୍ୱାମୀଙ୍କର । ସେ ଥିଲେ ଅତି ସୁନ୍ଦର । ଆପଣଙ୍କ ଚେହେରା ସହିତ ତାଙ୍କ ଚେହେରାର ଅନେକ ସାମଞ୍ଜସ୍ୟ ଥିଲା । ସେଥିପାଇଁ ଆପଣଙ୍କୁ ପ୍ରଥମେ ଯେଉଁଦିନ ମୁଁ ଏଠି ଦେଖିଲି, ମୋର ଭ୍ରମ ଜାତହେଲା ଆଉ ଆପଣଙ୍କ ପ୍ରତି ମୋର ଅନ୍ତର ମଧ୍ୟରେ ଜାଗି ଉଠିଲା ଏକ ଅହେତୁକ ମମତା । ସେହି ଦିନଠାରୁ ଆପଣଙ୍କୁ ମୁଁ······

ରମା କଥାର ଗତି ବଦଳାଇବାକୁ ଯାଇଁ ଟିକିଏ ନୀରବ ରହିଲା । ସେଇଠୁ ମୁଁ ପଚାରିଲି, ତୁମର ସ୍ୱାମୀ କଣ ଚାକିରୀ କରୁଥିଲେ ?

ହଁ, ଏଇ ଗୋବର୍ଦ୍ଧନବାବୁ, ଯେ'କି ମୋ' ସର୍ବନାଶର ମୂଳ, ତାଙ୍କର ରେଫ୍ରିଜେରେଟର୍ସରେ ସେ ଥିଲେ ହେଡ୍‌କ୍ଲର୍କ —ସେତେବେଳେ ତାଙ୍କର ଏ କାଗଜ କଳ ନଥିଲା ।

ତୁମ ସର୍ବନାଶର ମୂଳ କିଏ ? ଗୋବର୍ଦ୍ଧନ ବାବୁ ! ରମାର କଥା ବିଶ୍ୱାସ କରି ପାରିଲିନି ମୁଁ । ସେ ବିଦ୍ରୁପ କରିଭଳି

କହିଲା, ହଁ, ଏଇ ସଦାହାସ୍ୟମୟ, ମିଷ୍ଟଭାଷୀ ଗୋବିନ୍ଦବାବୁଙ୍କ ମୋ ଜୀବନର ଅଧପତନର କାରଣ । ଶୁଣନ୍ତୁ, କହୁଛି—

ବିବାହର ବର୍ଷକ ଭିତରେ ମୋର ଶାଶୂ ଶଶୁର ଦୁହେଁ ଆଗପଛ ହୋଇ ମରିଗଲେ । ବାପା ମା'ଙ୍କ ବ୍ୟତୀତ ମୋ ସ୍ୱାମୀଙ୍କର ଆଉ କେହି ନ ଥିଲେ । ସହଜେ ତ ସ୍ତ୍ରୀ ଲୋକ, ଘରେ ବା ଏକାକୀ କିପରି ରହିବି; ତା ଛଡ଼ା ତାଙ୍କର ସ୍ନେହ—ସୁତରାଂ ମତେ ସ୍ୱାମୀଙ୍କ ସହିତ ବିଦେଶରେ ରହିବାକୁ ପଡ଼ିଲା ।

ଦିନେ ଗୋବିନ୍ଦବାବୁଙ୍କୁ ସେ ଆମ ବସାକୁ ନିମନ୍ତ୍ରଣ କରିଥିଲେ । କର୍ତ୍ତବ୍ୟର ଅନୁରୋଧରେ ମୁଁ ତାଙ୍କର ସତ୍କାର କଲି । ସେହିଦିନଠାରୁ ତାଙ୍କର ଲୋଲୁପଦୃଷ୍ଟି ମୋ ଉପରେ ପଡ଼ିଲା ।

ତା ପରେ ମୋ ସ୍ୱାମୀଙ୍କୁ ବଡ଼ ବୃକସି ଦେଇ ତାଙ୍କ ସହିତ ବେଶ୍ ବନ୍ଧୁତା ଜମାଇ ଦେଲେ ସେ । ଏହାଦ୍ୱାରା ଅଧିକାଂଶ ସମୟ ଆମ ବସାକୁ ଆସିବା ପାଇଁ ତାଙ୍କୁ ସୁଯୋଗ ମିଳିଲା । ମୋ ସ୍ୱାମୀ ତ ଅତି ସରଳ, ସେ ବା ଏତେ କଥା କୁଆଡ଼ୁ ବୁଝିବେ—କ୍ରମେ ଆମ ବସାକୁ ତାଙ୍କର ଗତି ଅବାଧ ହୋଇ ପଡ଼ିଲା । ଏପରିକି ନିଜର ବ୍ୟକ୍ତିତ୍ୱ ଭୁଲି ମୋ ସହିତ ସେ ଥଟ୍ଟା ପରିହାସ କଲେ ମଧ୍ୟ । ମୁଁ କିନ୍ତୁ ତାଙ୍କର ଏପରି ଆଚରଣରେ ମନେମନେ ବିରକ୍ତ ହେଉଥିଲି ।

ଥରେ କାରଖାନାର କୌଣସି ଏକ କାମରେ ସ୍ୱାମୀଙ୍କୁ ବମ୍ବେ ଯିବାପାଇଁ ପଡ଼ିଲା । ସେ ସହରରୁ କେଉଁଠୁ ଗୋଟିଏ ବୁଢ଼ୀଟିକୁ ଆଣି ମୋ ପାଖରେ ଛାଡ଼ି ବମ୍ବେ ଗଲେ । ଅତି ଆପଣାର ଲୋକ ଭଳି ସେ ବସାରେ ଥାଏ—ସବୁକାମ ନିଜ ହାତରେ କରେ—ମୁଁ ତାକୁ ମାଉସୀ ବୋଲି ଡାକେ ।

ଦିନକର ଏକ ଭୟାବହ ଘଟଣା ଘଟିଲା । ଗୋବିନ୍ଦବାବୁ ଅଧ ରାତିରେ ଅଚାନକ ଭାବରେ ପହଞ୍ଚି ମୋର ପ୍ରେମଭିକ୍ଷା କଲେ । ମୁଁ ନାସ୍ତି ବାଣୀ ଶୁଣାଇବାରୁ ସେ ବଳ ପ୍ରୟୋଗ କରିବାକୁ ଚେଷ୍ଟା କଲେ । ମୁଁ ଖୁବ୍ ବଡ଼ ପାଟିରେ ଚିତ୍କାର କରି ଉଠିଲି । ମୋ ପାଟି ଶୁଣି ପଡ଼ାରୁ ଦୁଇ ତିନିଜଣ ଲୋକ ଧାଇଁ ଆସିଲେ । ସେତେବେଳକୁ କିନ୍ତୁ ଗୋବିନ୍ଦବାବୁଙ୍କର ପତ୍ତା ନ ଥିଲା । ସେହି ଦିନଠାରୁ ସେ ବୁଢ଼ୀଟିର ମଧ୍ୟ ଦେଖା ମିଳିନି । ଅର୍ଥ ବିନିମୟରେ ସେ ଯେ ଗୋବିନ୍ଦବାବୁଙ୍କୁ ସମ୍ପୂର୍ଣ୍ଣ ସାହାଯ୍ୟ କରିଥିଲା, ଏ କଥା ସ୍ପଷ୍ଟ ବୁଝା ପଡ଼ିଲା ।

ସ୍ୱାମୀ ଫେରି ଆସି ସବୁ କଥା ଶୁଣିଲେ । ମନେ ମନେ କ୍ଷୁବ୍ଧ ହେଲେ ସେ । କିନ୍ତୁ ଚାକିରି ଯିବା ଭୟରେ ନୀରବ ରହିବା ଛଡ଼ା ତାଙ୍କର ଆଉ କିଛି କରିବାକୁ ନଥିଲା ।

ତାର କିଛିଦିନ ପରେ ପୁଣି ମୋର ସ୍ୱାମୀଙ୍କୁ ଏଲାହାବାଦ ଯିବାପାଇଁ ଆଦେଶ ମିଳିଲା । କିନ୍ତୁ ସେ ଯିବାକୁ ମନାକଲେ । ଏଥିରେ ଗୋବିନ୍ଦବାବୁ କ୍ଷୁବ୍ଧ ହୋଇ ଆଦେଶ ଅବମାନନାର କୈଫିୟତ ମାଗିଲେ । ସ୍ୱାମୀ କ୍ଷଣିକ ଉତ୍ତେଜନାରେ କହି ପକାଇଲେ, ମୁଁ ଏଲାହାବାଦ ଗଲେ ଆପଣ ଲୁଚି ଲୁଚି ଆସି ମୋ ଘରେ ନାଟ କରିବେ—ନା ? ଏହାର ପରିଣାମ ଯାହା ହୋଇଥିବ ଆପଣ ଅନୁମାନ କରୁଥିବେ । ଶେଷକୁ ତାଙ୍କର ଚାକିରିଟି ଗଲା । ସେ ଅନ୍ୟଠାରେ ଚାକିରିର ଅନୁସନ୍ଧାନ କଲେ; କିନ୍ତୁ ସବୁଠାରେ ହତାଶ ହେବାକୁ ପଡ଼ିଲା । ଗାଆଁକୁ ପଳାଇ ଆସିଥାନ୍ତୁ, କିନ୍ତୁ ଘରଡ଼ିହ ଖଣ୍ଡିକ ଛଡ଼ା ବିଶେଷ କିଛି ନଥିଲା, ଯାହାଦ୍ୱାରା କି ଦୁଇଜଣ ପୋଷି ହୋଇ ପାରିବୁ ।

ଧନକ ଆଗରେ ନଜର ଟେକ ଦେଖାଇବା ନବୋଧତା ଛଡ଼ା ଆଉ କିଛି ନୁହେଁ । ଶେଷକୁ ଉପାୟ ହୀନ ହୋଇ ସେ ଅନ୍ତ ବିନୟର ସହିତ ଗୋବର୍ଦ୍ଧନବାବୁଙ୍କୁ କ୍ଷମା ଭିକ୍ଷା କରି ଚାକିରି ପ୍ରାର୍ଥୀ ହେଲେ । ଗୋବର୍ଦ୍ଧନବାବୁ ନିର୍ଦ୍ଦୟ ହେଲେ ନାହିଁ । ପୁଣି ମୋର ସ୍ୱାମୀଙ୍କୁ ତାଙ୍କର କାରଖାନାରେ ଚାକିରି ମିଳିଲା । ସ୍ୱାମୀଙ୍କର ଦୈନ୍ୟ ତାଙ୍କ ଅନ୍ତର ମଧ୍ୟରେ ଜଳୁଥିବା ଅଗ୍ନିଶିଖାକୁ ଅଧିକ ପ୍ରଜ୍ୱଳିତ କରିବାରେ ସାହାଯ୍ୟ କରୁଥିଲା ।

ବିପଦ ଯେତେବେଳେ ଆସେ ସବୁ ଦିଗରୁ ଆସେ । କିଛି ଦିନ ପରେ ସେ ଏକ ମାରାତ୍ମକ ରୋଗରେ ପଡ଼ିଲେ । ପାଖରେ ଯାହା ଟଙ୍କା ପଇସା ଆଉ ଗହଣା ଥିଲା, ସବୁ ତାଙ୍କର ଚିକିତ୍ସାରେ ଶେଷ ହୋଇଗଲା । ତା ପରେ ଚାରିଆଡ଼ ଅନ୍ଧାର ଦିଶିଲା ମତେ । ଗୋବର୍ଦ୍ଧନବାବୁ ଅତି ଆପଣାର ଭଳି ଆସି ତାଙ୍କ ଚିକିତ୍ସାର ଭାର ନେଲେ । ହିତୈଷୀ ବନ୍ଧୁ ପରି ମତେ ସାନ୍ତ୍ୱନା ଦେଲେ କେତେ କଣ । ମୁଁ ବିଶ୍ୱାସ କଲି, ସତେ ଯେପରି ତାଙ୍କର ସେ ପାପ ମନୋବୃତ୍ତି ଆଉ ନାହିଁ ।

କିନ୍ତୁ ତାଙ୍କର ଏହି ସହାନୁଭୂତି ମୂଳରେ ପାପାଭିଳାଷ ଚରିତାର୍ଥ କରିବାର ବାସନା ଲୁକ୍କାୟିତ ଭାବରେ ରହିଥିଲା । ଦିନେ ନିର୍ଜନରେ ସେ ପୁଣି ମୋର ପ୍ରେମ ଭିକ୍ଷା କଲେ । ମୁଁ ଅସହାୟ ଭାବରେ ତାଙ୍କର ପାଦ ଦୁଇଟି ଧରି କାନ୍ଦି କାନ୍ଦି କହିଲି କ୍ଷମା କରନ୍ତୁ ମତେ— ମୋର ସ୍ୱାମୀ ଅଛନ୍ତି; ମୁଁ ବେଶ୍ୟା ନୁହେଁ । କିନ୍ତୁ ମୋର ଏହି କାରୁଣ୍ୟ ତାଙ୍କର ହୃଦୟ ମଧ୍ୟରେ ଜଳୁଥିବା ଅଗ୍ନିଶିଖାକୁ ନିର୍ବାପିତ କରି ପାରିଲା ନାହିଁ । ସେ ନାନା ପ୍ରକାର କଅଁଳ କଥା କହି ମୋର ମନ ଭୁଲାଇବାକୁ ଚେଷ୍ଟା କଲେ ।

ତଥାପି ମୁଁ ମଙ୍ଗିଲି ନାହିଁ । ତାଙ୍କୁ ଯେତିକି ନିର୍ଘଣ ବାଣୀ ଶୁଣାଇ ଥାଏ, ମୋ ପ୍ରତି ତାଙ୍କର ଆସକ୍ତି ଦିନକୁ ଦିନ ସେତିକି ପରିମାଣରେ ବୃଦ୍ଧି ପାଏ । ଶେଷକୁ ସେ ଦିନେ ରୂପଦାନ କରିବା ପାଇଁ ବାଧ୍ୟ କଲେ ମତେ । ତା ସତ୍ତ୍ୱେ ମୁଁ ଅନିଚ୍ଛା ପ୍ରକାଶ କଲି; ସେ ବଳତ୍କାର କରି ମୋର ବହୁଦିନ ସଞ୍ଚିତ ଅମୂଲ୍ୟ ରତ୍ନଟି ଅପହରଣ କରି ନେଲେ । କାଳେ ମୋର ପୀଡ଼ିତ ସ୍ୱାମୀଙ୍କ ପ୍ରତି ସେ ଅବହେଳା କରିବେ, ଏହି ଆଶଙ୍କାରେ ମୁଁ କୌଣସି ପ୍ରତିବାଦ କରିବାକୁ ସାହସ କଲି ନାହିଁ । କେବଳ ଅସହାୟା ଭାବରେ କାନ୍ଦିଲି ଯାହା ।

× × ×

ସେହିଦିନଠାରୁ ଗୋବିନ୍ଦବାବୁ ମତେ ପୂର୍ଣ୍ଣ ପ୍ରାଣରେ ଉପଭୋଗ କରିବାରେ ମୁଁ କୌଣସି ବାଧା ଦେଲି ନାହିଁ । ଯାହା ଯାଇଛି ଆଉ ତ ଫେରି ଆସିବ ନାହିଁ, ବରଂ ତାରି ବିନିମୟରେ ସ୍ୱାମୀଙ୍କୁ ରୋଗମୁକ୍ତ କରି ପାରିଲେ ମଙ୍ଗଳ । ସେହି ସ୍ୱପ୍ନରେ ହିଁ ମୁଁ ଗୋବିନ୍ଦବାବୁଙ୍କୁ ଅଜାଚିତ ପ୍ରେମରେ ବିଭୋର କରି ପକାଇଲି ମୁଁ ।

କିନ୍ତୁ ହାୟ, ମୋର ଆଶା ଆକାଶ କୁସୁମରେ ପରିଣତ ହେଲା । ଦିନେ ଡାକ୍ତର ଗୋଟିଏ ଇଞ୍ଜେକ୍ସନ୍ ଦେଇଯିବା ପରେ ସ୍ୱାମୀ ଅତି ବ୍ୟଥାକୁଳ କଣ୍ଠରେ କହିଲେ, ରମା, ମୋର ମୁଣ୍ଡ ଝିମ୍ ଝିମ୍ ହୋଇ ଯାଉଛି । ଦେହ ଜଳିପୋଡ଼ି ଗଲା ଭଳି ଲାଗୁଛି—ସବୁଆଡ଼ ଅନ୍ଧାର···ଓଃ······ତା ପରେ ସେ ମୂର୍ଚ୍ଛିତ ହୋଇ ପଡ଼ି ରହିଲେ । ତାଙ୍କୁ ଶୀଘ୍ର ହାସପାତାଳ ନେବାର ବ୍ୟବସ୍ଥା ହେଲା; କିନ୍ତୁ ତା ପୂର୍ବରୁ ସେ ଶେଷ ନିଶ୍ୱାସ ତ୍ୟାଗକଲେ । ପରେ ଜାଣିଲି ମତେ ସବୁ ଦିନ ପାଇଁ ମୁକ୍ତ ଭାବରେ ଉପଭୋଗ

କରିବା ଆଶାରେ ଗୋବିନ୍ଦବାବୁ ଡାକ୍ତରଙ୍କୁ ପ୍ରଚୁର ଅର୍ଥ ଦେଇ ସ୍ୱାମୀଙ୍କ ଦେହରେ ବିଷ ଇଞ୍ଜେକ୍‌ସନ୍ ଫୋଡ଼ିଥିଲେ । କହୁ କହୁ ରମାର କଣ୍ଠ ବ୍ୟାକୁଳ ଭାବରେ ଥରି ଉଠିଲା । ଧୈର୍ଯ୍ୟହୀନ ଭାବରେ ଏକ ଦୀର୍ଘଶ୍ୱାସ ତ୍ୟାଗ କଲି ମୁଁ । ସେଇଠୁ ସେ ପୁଣି ପୂର୍ବପରି କହି ଚାଲିଲା, ସମୟ ସବୁ ସମସ୍ୟାର ସମାଧାନ କରେ । ସ୍ୱାମୀଙ୍କର ମୃତ୍ୟୁରେ ମୋର ଅନ୍ତର ମଧ୍ୟରେ ଯେଉଁ ଶୋକର ବାତ୍ୟା ବହି ଚାଲିଥିଲା ତାହା ଗୋବିନ୍ଦବାବୁଙ୍କ ପ୍ରଚେଷ୍ଟା ଆଉ ସମୟର ଗତିରେ କ୍ରମେ ଶାନ୍ତ ହୋଇ ଆସିଲା । ତାଙ୍କର ହସ ହସ କଥା, ପ୍ରେମୋମୟ ଭଙ୍ଗୀ ମୋର ଯୌବନ ସୁଲଭ ନାରୀ ପ୍ରାଣକୁ ପାଗଳ କରିଦେଲା । ବିପୁଳ ବିଳାସ ମଧ୍ୟରେ ଅତୀତ ଜୀବନର ବିଷାଦମୟ ସ୍ମୃତି ସବୁ ଭୁଲି ମୁଁ ଆଗାମୀ ଦିନର ସୁନେଲି ସ୍ୱପ୍ନ ଦେଖିଲି ।

ବଡ଼ ଅଦ୍ଭୁତ ଏ ଗୋବିନ୍ଦ ବାବୁଙ୍କ ଧରଣ । ସୌନ୍ଦର୍ଯ୍ୟକୁ ନିଜେ ଉପଭୋଗ କରିବା ଅପେକ୍ଷା ଅନ୍ୟମାନଙ୍କୁ ଉପଭୋଗ କରାଇବାରେ ସେ କମ ଆନନ୍ଦ ପାନ୍ତି ନି । କ୍ରମେ ସେ ତାଙ୍କର ବନ୍ଧୁମାନଙ୍କୁ ସଙ୍ଗରେ ଧରି ମୋର ଗୃହରେ ଉପସ୍ଥିତ ହେଲେ । ଏକେତ ପତିହୀନା ଅନାଥା ନାରୀ ମୁଁ, ତା' ଛଡ଼ା ଚରିତ୍ର ବି କଳଙ୍କିତ ଆଉ କିଏ ଅଛି ଯେ ରଖିବାକୁ ଚେଷ୍ଟା କରିବ ? ସମସ୍ତଙ୍କୁ ପ୍ରେମରେ ଆପ୍ୟାୟିତ କରି ପ୍ରଚୁର ଅର୍ଥ ଉପାର୍ଜନ କଲି ମୁଁ । କ୍ରମେ ଅର୍ଥର ଲାଳସା ମୋ'ର ଅନ୍ତର ମଧ୍ୟରେ ତୀବ୍ରରୁ ତୀବ୍ରତର ହୋଇ ଉଠିଲା ଆଉ ଜନତା ମଧ୍ୟରେ ଘୃଣିଲା ସୃଷ୍ଟି କରି ମୁଁ ନିଜର ଅଜ୍ଞାତରେ ଏହି ବେଶ୍ୟାବୃତ୍ତି ବରଣ କରିଦେଲି । ସେହି ଦିନଠାରୁ ମୁଁ ଏହି ସହରରେ ଗୋଟିଏ ନାମଜାଦା ବେଶ୍ୟା ଭାବରେ ପରିଚିତା । ରୂପର ବନ୍ୟାରେ କେତେ ଧନିକଙ୍କୁ ଯେ ମୁଁ ଦାଣ୍ଡର ଭିକାରୀ

କରି ଛାଡ଼ୁଛି ତା'ର ଇଚ୍ଛା ନାହିଁ । ଯେଉଁ ବେଳେ ମୋର ମନ ଗହନରେ ଅତୀତ ଜୀବନର ସ୍ମୃତି ଉଦୟ ହୁଏ, ମୁଁ ଭାବେ ସତେ ଯେପରି ଧନିକ ସମାଜର ଉପଯୁକ୍ତ ପ୍ରତିଶୋଧ ନେଇ ପାରିଛି ମୁଁ । ଏତିକିରେ ନୀରବ ରହିଲା ରମା । ମହାନ୍ ବ୍ୟକ୍ତିତ୍ୱ ମଧ୍ୟରେ ଯେ ଏପରି ଅମାନୁଷିକତା ଲୁଚି ରହିପାରେ, ଏହି କଥା ଭାବି ମୁଁ ଅତି ବିସ୍ମିତ ହେଉଥିଲି । ଏକ ସରଳା କୁଳବଧୂର ଦୁଃଖମୟ ଇତିହାସ ଜଡ଼ିତ ଅଧୋଗତିରେ ପ୍ରାଣ ମୋ'ର ସମବେଦନାରେ କାନ୍ଦି ଉଠୁଥିଲା । ମୁଁ ଅତି ଭାବପ୍ରବଣତାରେ କହି ପକାଇଲି, ରମା, ଯଦି ବର୍ତ୍ତମାନ କେହି ବ୍ୟକ୍ତି ତୁମକୁ ନେଇ ସଂସାର କରିବାକୁ ଚାହେଁ, ତୁମେ ରାଜି ହେବ ?

ସେ ଏକ ଶୁଷ୍କ ହସ ହସି ବିଦ୍ରୂପ କଲା ଭଳି ଉତ୍ତର ଦେଲା, ସଂସାର ! ଗୋଟାଏ କଳଙ୍କମୟୀ ଗଣିକାକୁ ନେଇ ସଂସାର କରିବାର ଦୁର୍ଭାଗ୍ୟକୁ କିଏ ବା କାହିଁକି ବରଣ କରିବାକୁ ଯିବ ?

ସେ ବ୍ୟକ୍ତି ଯଦି ମୁଁ ହୁଏ ? ମୁଁ କହିଲି ।

ଆପଣ······!!! ରମା ବିସ୍ମୟ ବିସ୍ଫାରିତ ନେତ୍ରରେ ମୋ ଆଡ଼କୁ ଚାହିଁ ପୁଣି ତଳକୁ ମୁହଁ ପୋତି ଦେଲା । କେଜାଣି କାହିଁକି ଆଖି ଦୁଇଟି ତା'ର ଲୁହରେ ଛଳ ଛଳ ହୋଇ ଆସିଲା । ମୁଁ ଲକ୍ଷ୍ୟ କଲି ସତେ ଯେପରି ସେଥିରେ ପବିତ୍ରତାର ଦୀପ୍ତି ଝଲସି ଉଠୁଛି !

ରମାର ଅନୁରୋଧରେ ସେ ରାତିଟି ପାଇଁ ମୁଁ ତା'ର ଗୃହରେ ଆଶ୍ରୟ ନେଲି । ତାକୁ କେନ୍ଦ୍ରକରି କେତେ କ'ଣ ଚିନ୍ତା ମୋର ମନରେ ଉଙ୍କି ମାରି ଉଠୁଥିଲା । ଦୁନିଆ ସମ୍ମୁଖରେ ସେ ବେଶ୍ୟା-ପତିତା, କିନ୍ତୁ ମୋ' ନିକଟରେ ଏକ ଶ୍ରେଷ୍ଠ ପ୍ରେମିକା ରୂପେ ଦେଖା ଦେଇଛି ସେ । ମୋ ପାଇଁ ତା'ର ଆଖିରୁ ଝରିଛି ଅଶ୍ରୁ—

ସେ' ଅଶ୍ରୁର ମୂଲ୍ୟ ଯଦି ମୁଁ ନ ଦେଇ ପାରେ, ତେବେ ମୁଁ ନିଜକୁ ପ୍ରେମିକ ବୋଲି କହିବି କିପରି ?

ରମାକୁ ନେଇ ମତେ ସଂସାର କରିବାକୁ ହେବ । ସେଥିପାଇଁ ଦୁନିଆର କୌଣସି ବ୍ୟଙ୍ଗ ବିଦ୍ରୂପକୁ ମୁଁ ଭ୍ରୂକ୍ଷେପ କରେନା ଗୋଟିଏ ଜୀବନର ଉଦ୍ଧାର ପାଇଁ ଆଉ ଗୋଟିକୁ ଯଦି ଦୁନିଆଁ ଆଖିରେ ହେୟ ହେବାକୁ ପଡ଼େ, ତେବେ ତାହା ଜୀବନର ସାର୍ଥକତା ଛଡ଼ା ଆଉ କିଛି ନୁହେଁ । ଭବିଷ୍ୟତର ସୁନେଲି କଳ୍ପନାରେ ମନ ମୋର ମଜଗୁଲ ହୋଇ ଉଠିଲା । ଏହିପରି କେତେ କଣ ଭାବୁ ଭାବୁ ମୁଁ ନିଦରେ ଶୋଇ ପଡ଼ିଲି ।

ଉଦ୍‌ବେଗ ମନ ନେଇ ତହିଁ ଆରଦିନ ଖୁବ୍ ଭୋ'ରୁ ମୁଁ ଉଠିଲି, କିନ୍ତୁ ଯାହା ଦେଖିଲି ସେଥିରେ ମୋ'ର ପ୍ରାଣ ହତାଶାରେ କାନ୍ଦି ଉଠିଲା । ମନେ ମନେ ମୁଁ ଯେଉଁ ଆଶାର ସୌଧ ଗଢ଼ିଥିଲି, ତାହା ନିମିଷକେ ଭଙ୍ଗି ଚୂରମାର ହୋଇଗଲା । ଦେଖିଲି—ରମା ଶୋଇ ଥିବା ସ୍ଥାନଟି ଶୂନ୍ୟ । ଗବାକ୍ଷ ଦେଇ ବାହାରକୁ ଚାହିଁ ଚାହିଁ ମୁଁ ମୋର ତକିଆ ପାଖରେ ପ୍ରାୟ ଦଶଇଞ୍ଚ ଲମ୍ବ ଚାରିଇଞ୍ଚ ଓସାର ବିଶିଷ୍ଟ ଏକ ଚମଡ଼ାର ମୁଣି ଓ ଛୋଟିଆ ରୂପା ବାକ୍ସଟିଏ ଆବିଷ୍କାର କଲି । କୌଣସି ଥିରେ ତାଲା ନ ଥିଲା । ସନ୍ଦିଗ୍ଧ ପ୍ରାଣରେ ପ୍ରଥମେ ବାକ୍ସଟି ଖୋଲି ଦେଖିଲି ତାହା ସୁନାର ଅଳଙ୍କାରରେ ପରିପୂର୍ଣ୍ଣ । ତା' ପରେ ବିସ୍ମୟ ଆଉ କୌତୂହଳରେ ମୁଁ ଚମଡ଼ା ମୁଣିଟି ଫିଟାଇ ବଡ଼ ବଡ଼ ନୋଟ ବିଡ଼ା ଗୁଡ଼ିଏ ଓ ଏକ ଚିଠି ପାଇଲି । ଅସଂଖ୍ୟ ପ୍ରଶ୍ନରେ ହୃଦୟ ମୋର ଆଲୋଡ଼ିତ ହୋଇ ଉଠୁଥିଲା । ଚିଠିଟି ଖୋଲି ପଢ଼ିଲି, ତାହା ମୋର ପାଖକୁ ଲେଖାଥିଲା ।

ସାଥି,

ମୋ ଜୀବନରେ ଧ୍ରୁବତାରା ସଦୃଶ ଦେଖା ଦେଇ ଆପଣ ମତେ ଏକ ଶୁଭ ମୁହୂର୍ତ୍ତରେ ଯେଉଁ ଅମୃତ ତୁଲ୍ୟ କଥା ପଦକ ଶୁଣାଇଥିଲେ, ସତେ ଯେପରି ତାହା ମତେ ପୁନର୍ଜନ୍ମ ଦେଇଛି; ଆଜି ସେଇଥିରୁ ମୁଁ ପାଇଛି ମୋ ଜୀବନର ସଫଳତା । ଏଥିପାଇଁ ମୁଁ ଆପଣଙ୍କ ନିକଟରେ ଚିରକୃତଜ୍ଞ ରହିଲି ।

ମୁଁ ଯାହା ଖୋଜୁଥିଲି ଆଜି ପାଇଛି, ତେଣୁ ହସି ହସି ବିଦାୟ ନେଉଛି । ମୋର ଅନୁରୋଧ ଆପଣ ଆଜି ମୋ ବିଷୟ ମନରେ ସ୍ଥାନ ଦେବେ ନାହିଁ ।

ଏ ଜୀବନରେ ଆଉ ଆପଣଙ୍କ ସଙ୍ଗେ ଦେଖା ହେବା ସମ୍ଭବ ନୁହେ । ପ୍ରଥମ ସାକ୍ଷାତ ଦିନୁ ଆପଣଙ୍କୁ ମୁଁ ମୋର ହୃଦୟରେ ଯା'ର ସ୍ଥାନ ଦେଇ ଆସିଛି, ପର ଜନ୍ମରେ ବାସ୍ତବ କ୍ଷେତ୍ରରେ ଆପଣ ମୋର ସେହି ରୂପରେ ଦେଖା ଦିଅନ୍ତୁ; ଏତିକି ମୋର କାମନା ।

ଆଜି କାଲିର ତାଡ଼ନାରେ ଆମ ଦେଶର ଯେଉଁ ସହସ୍ର ସହସ୍ର କୁଳକନ୍ୟା ,,ଅନାଥା ହୋଇ ମୋର ପରି ହୀନ ପନ୍ଥାର ଆଶ୍ରୟ ନେଉଛନ୍ତି, ସେହିମାନଙ୍କର ଉଦ୍ଧାର ପାଇଁ ମୋର ଏହି ଗୃହଟି ଏକ ଅନାଥାଶ୍ରମରେ ପରିଣତ ହେଉ ଓ ସଞ୍ଚିତ ଧନସବୁ ଅନୁଷ୍ଠାନର ଯଥାଯୋଗ୍ୟ କାର୍ଯ୍ୟରେ ବ୍ୟୟିତ ହେଉ; ଶେଷ ମୁହୂର୍ତ୍ତରେ ଆପଣଙ୍କୁ ମୋର ଏତିକି ଅନୁରୋଧ । ଅଭାଗିନୀର ପ୍ରଣାମ ଗ୍ରହଣ କରିବେ । ଯାଉଛି ।

ଆପଣଙ୍କର
ରମା

ନଂ............
ତା............
[illegible]

ସେତେବେଳକୁ ମୋ'ର ଆଖି ଲୁହରେ ଚିଠିଟି ଗୋଟି ସୁଦ୍ଧା ଓଦା ହୋଇ ଯାଇଥିଲା । ସେହି ଓଦା କାଗଜଟିକୁ ବୁକୁରେ ଜଡ଼ାଇ ଧରିଲି ମୁଁ । ରମାର ଉଦ୍ଦେଶ୍ୟରେ ମୁଣ୍ଡ ମୋର ଆପେ ଆପେ ନତ ହୋଇ ଆସୁଥିଲା ।

## ——————ତୃଷିତ ଚାତକୀ

ତେବେ ଆବେଦନ ମୁଁ ତା'ଠାରୁ ଆଗ ଚିଠି ପାଇଲି । ସେ ଲେଖିଥିଲା ମାତ୍ର ଦି' ପଦ—

ସୁନନ୍ଦ ଭାଇ,

ତୁମେ ଆସିଥିଲ, ମୋତେ ଦିନ ଦୁଇଟା ଭଲ ଭୁଲି-ଗଲ । ମୁଁ ଅନୁରୋଧ କଲି—ମୋ କଥା ରଖିଲ ନାହିଁ । ଯା ହେଉ ତୁମକୁ ସାତସଣ ଖଗୁଛୁଟିରେ ନିଶ୍ଚୟ ଆସିବ । ନ ଆସିଲେ ତୁମର ମୋର ଏତିକି ।

ତୁମର
ଲତା

ମୋ' ପ୍ରତି ତା'ହୃଦୟର ସମସ୍ତ ସ୍ନେହ ଆଉ ସରାଗ ଯେପରି ଏହି ଛୋଟ ଚିଠିଟିରେ ରୂପାୟିତ ହୋଇଥିଲା । ଚିଠିଟିକୁ ଯେତେ-ଥର ପଢ଼ୁଥାଏ, ସେତେ ନୂଆ ଲାଗୁଥାଏ । ତା' କଅଁଳ ହାତର ଛୋଟ ଛୋଟ ଅକ୍ଷର ଭିତରେ ମତେ ତା'ର ହାସ୍ୟୋଜ୍ଜ୍ୱଳ ମୁହଁଟି ଦିଶିଯାଏ । ଜୀବନର ଏକ ନୂଆ ଅନୁଭୂତିରେ ପ୍ରାଣ ମୋ'ର ବିଭୋର ହୋଇ ଉଠେ । ଭାବାବେଗରେ ଚିଠିଟିକୁ ବୁକୁରେ ଜଡ଼ାଇ ଧରେ ମୁଁ ।

ଲତାର ମୋ'ର ପରିଚୟ୍ ଅତି ନୂଆ । ଅପା ବାହା ହେବାର ଗୋଟିଏ ମାସ ପରେ ମାତ୍ର ଦୁଇଟି ଦିନ ପାଇଁ ମୁଁ ତା' ଘରକୁ ଯାଇଥିଲି । ତା'ରି ଭିତରେ ଲତା ମତେ ଅତି ଆପଣାର କରି ନେଇଥିଲା ।

ନୂଆ ହୋଇ ଯାଇଥିବାରୁ ମତେ ଖରି ଲାଜ ମାଡ଼ୁଥାଏ । ସେଥିପାଇଁ ଲତା ଅପାକୁ ଦେଖାଇ ମତେ ଥଟ୍ଟାକରେ, ନୂଆ ବୋଉମ, ତୁମ ଭାଇଙ୍କୁ ଶାଢ଼ୀ ଖଣ୍ଡେ ପିନ୍ଧାଇ ଘର କଣରେ ବସାଇ ଦେଲେ କେଡ଼େ ସୁନ୍ଦର ମାନନ୍ତା ! ଅପା ମୋ ପକ୍ଷଧରି ତାକୁ କହେ, ତୁମେ ଜାଣିନା କି ଲତା, ସେ ପରା ତୁମ ବର, ସେଇଥିପାଇଁ ଏତେ ଲାଜ କରୁଚ୍ଛି । ଅପାର ଏଇ କଥା ପଦକରେ ସେ ହାତ ଯାଇ ଚଳଚଞ୍ଚଳ ହରିଣୀଟି ପରି ଘର ଭିତରକୁ ପଳା'ଇ ଯାଏ । ଅପାର ଆନନ୍ଦ ଆଉ ସରମର ସମାବେଶରେ ତା'ର ମୁହଁଟି ଆହୁରି ସୁନ୍ଦର ଦିଶେ ।

ମତେ ପରିହାସ କରି ସେ ଯେତିକି ହିଜେଇର ଗନ୍ଧ ଅନୁଭବ କରିବାକୁ ଚେଷ୍ଟା କରେ, ସବୁଥିରେ ଅପା . ତାକୁ ଠୋକରି ଦିଏ । ମୋ'ର ଆବିର୍ଭାବରେ ତାର ପାଦ ତଳେ ଲାଗେ ନାହିଁ । ସେ ଅତି ଆପଣାର ଭଳି ମୋ'ର ସେବା କରେ । ଦୁଇ ବେଳା ମୋ' ପାଇଁ ଗୁ' ଜଳଖିଆ ତିଆରି କରିବାଠାରୁ ରାତିରେ ବିଛଣା କରିବା ପର୍ଯ୍ୟନ୍ତ ସବୁକାମ ସେ ନିଜ ହାତରେ କରେ । ମୁଁ ଚିଙ୍ଗୁଡ଼ି ମାଛ ଖାଇବାକୁ ଭଲ ପାଏ, ଏ କଥା ସେ କୋଉଠୁ ସନ୍ଧାନ କରି କେଜାଣି ଚିଙ୍ଗୁଡ଼ି ମାଛରେ ଦୁଇ ଗୁରି ପ୍ରକାର ବ୍ୟଞ୍ଜନ ସୁସ୍ବାଦୁ କରି ରାନ୍ଧିଥାଏ । ସତେ ଯେପରି ମୋ'ର କୌଣସିଥିରେ କିଛି ଅସୁବିଧା ହେଲେ ତା'ର ବହୁତ ଅଘଟ ଘଟିବ ! ଏ ସବୁର ସୁଯୋଗ ନେଇ ଅପା ତାକୁ ବେଶି ଥଟ୍ଟାକରେ,

କହେ, ବରଂ ସେବା ଶୁଣାରେ ଲତାକୁ ଆମର ନିଦ୍ର ନାହିଁ । ଏଥିରେ ସେ ସ୍ୱର୍ଗୀୟ ଆନନ୍ଦ ଅନୁଭବ କରେ । କିନ୍ତୁ ମନର ଭାବ ଗୋପନ ରଖି ଅପା ଉପରକୁ ଚିଡ଼ି ଉଠେ । ମାତ୍ର ସେ ଚିଡ଼ିବାର କୃତ୍ରିମତା ଆପେ ଆପେ ଧରା ପଡ଼ିଯାଏ ।

ମୋ'ର ଅପା ଘରେ ଦୁଇଦିନ ରହିବା ଭିତରେ ଲତା ମତେ ତା'ର ବ୍ୟବହାରରେ ଅତି ଆପଣାର କରି ନେଇ ଥିଲା ସିନା, କିନ୍ତୁ ମୁଁ ତା' ପାଖରେ ଅତି ନୂଆ ହୋଇଥିବାରୁ ମୋ' ସହିତ ମୁହାମୁହିଁ ଭାବେ କଥାବାର୍ତ୍ତା କହିବାକୁ ସେ ଭାରି ଲାଜ କରୁଥିଲା । ଘରକୁ ଫେରିବାର ପୂର୍ବଦିନ ରାତିରେ ମୁଁ ଖାଇସାରି ଶୋଇବାକୁ ଯାଉଛି, ସେ ନିଜେ ଆଣି ମୋ' ହାତରେ ପାନ ଦେଲା , ଆଉ ଅତି ଶାନ୍ତ ପିଲାଟି ଭଳି କହିଲା, ତୁମେ କ'ଣ ସତରେ କାଲି ଚାଲିଯିବ ? ମୁଁ ଅତି କୋମଳ ଭାବରେ ଉତ୍ତର ଦେଲି, ହଁ କାଲି ନିଶ୍ଚୟ ଯିବାକୁ ହେବ । ସେ ମତେ ଅନୁରୋଧ କଲାଭଳି କହିଲା, ଆଉ ଦୁଇଟା ଦିନ ରହିଗଲେ କ'ଣ ଚଳିବ ନାହିଁ ?

ଆଉ ଦୁଇଦିନ କାହିଁକି, ଦୁଇ ମାସ ରହିଗଲେ ବି କିଛି କ୍ଷତି ନ ଥିଲା; କିନ୍ତୁ କାଲି ପରା କଲେଜ ଖୋଲୁଛି ! ପୁଣି ଖରା ଛୁଟିରେ ଆସିବି ଯେ । ମୁଁ କହିଲି । ସେ ଦିନ ବହୁତ ରାତିଯାଏ ଲତା ମୋ' ପାଖରେ ବସି କେତେ କ'ଣ ଗପ କଲା । ପୂର୍ବପରି ତା' କଥାରେ ପରିହାସ ନ ଥିଲା, ଥିଲା ଦରଦ ।

ତା' ପରଦିନ ସକାଳୁ ମୁଁ ଯେତେବେଳେ ଲତା ପାଖରୁ ବିଦାୟ ନେଇ ଆସିଲି, ସେ କାନ୍ଦି ପକାଇଲା—କହିଲା, ଖରା ଛୁଟିରେ ନିଶ୍ଚୟ ଆସିବ—ମୋ' ରାଣ । କଟକ ଯାଇଁ ଚିଠି ଦେବ । ତା କଥାରେ ସମ୍ମତି ଜଣାଉ ଜଣାଉ ମୁଁ ତାର ଆଖିରୁ ଲୁହ ପୋଛି ଦେଇ ଫେରି ଆସିଲି ।

କଟକ ଆସିବା ପରେ ବେଳେବେଳେ ମୁଁ ଲତାଠାରୁ ଚିଠି ପାଇଲି, ନିଜ ପ୍ରତି ବଡ଼ ରାଗ ହେଲା ମୋ'ର । କାରଣ ଲତା ନିକଟ ମୋର ଆଗ ଚିଠି ଦବାର ଉଚିତ ଥିଲା । ସେଥିରେ ଅବହେଳା କରି ସତେ ଯେପରି ତା' ସ୍ନେହର ଉଚିତ ମୂଲ୍ୟ ଦେବାରେ ମୁ କୁଣ୍ଠୀ କରିଛୁ । ସେଦିନ ପ୍ରଥମ କରି ମୋ'ର ଅନ୍ତରର ସମସ୍ତ ସ୍ନେହ ସରାଗ ବୋଳା ହସ୍ତଲିପି ଖଣ୍ଡିକ ଲତା ପାଖକୁ ପଠାଇ ସ୍ୱର୍ଗୀୟ ଆନନ୍ଦ ଅନୁଭବ କରିଥିଲି ମୁ ।

......କ୍ରମେ ପ୍ରତି ସପ୍ତାହରେ ମୁଁ ଲତା ପାଖରୁ ଚିଠିପାଏ । ସେଥିରୁ ମୁଁ ଅନୁଭବ କରେ ତା'ର ସାନ୍ନିଧ୍ୟ । ସେହି ଚିଠି ଜରି-ଆରେ ତା' ସରଳ ପ୍ରାଣର ସମସ୍ତ ସ୍ନେହ ଆଉ ସରାଗ ମୋ' ପ୍ରତି ଉତ୍ସର୍ଗ କରିଥାଏ ସେ । ତା' ଆବେଗଭରା ମନର ସମସ୍ତ କଥା ମାତ୍ର ଗୋଟିଏ ପଦରେ ପ୍ରକାଶ ପାଏ ଯେପରି । ପ୍ରତି ଚିଠିରେ ସେ ଲେଖେ—ସୁନନ୍ଦ ଭାଇ ! ସତେ ତୁମେ ଘରି ଭଲ ଏକା ! ପ୍ରବାସରେ ମୋ'ର ନୀରସ ଜୀବନକୁ ସରସ କରି ତୋଳିବାରେ ତା'ର ଚିଠି ମୋ'ର ଏକ ସମ୍ବଳ ହୋଇଉଠେ । ଏହି ଗୌରବ ନେଇ ବନ୍ଧୁ ମହଲରେ ମୁଁ ନିଜକୁ ଅତି ବଡ଼ ବୋଲି ଭାବେ । ଅହେତୁକ ଭାବରେ ଲତାର ସାନ୍ନିଧ୍ୟ ଲାଭ କରିବାର ଉତ୍କଣ୍ଠା ପ୍ରକାଶ ପାଏ ମୋ'ର । ଗ୍ରୀଷ୍ମାବକାଶର ଶୁଭ ମୁହୂର୍ତ୍ତକୁ ଅପେକ୍ଷା କରି ରହେ ମୁଁ ।

ବହୁଦିନର ସ୍ୱପ୍ନମୟ ପ୍ରତୀକ୍ଷା ପରେ ଖରା ଛୁଟି ପାଖେଇ ଆସିଲା । ବୋଉର ବାରମ୍ବାର ତାଗିଦା ସତ୍ତ୍ୱେ ମୁଁ ଘରକୁ ଯିବାର ପ୍ରସ୍ତାବ ପଛକୁ ରଖି ଆଗ ଅପାଘରର ଅଭିମୁଖେ ବାହାରି ପଡ଼ିଲି ।

ମୋ'ର ଯିବା ପଥକୁ ଅନାଇ ବସିଥିଲା ଲତା । ମୋ'ର ଉପସ୍ଥିତିରେ ତା'ର ସୁନ୍ଦର ମୁହଁଟି ତୃପ୍ତିର ଝଲକରେ ଉଦ୍ଭାସିତ ହୋଇ ଉଠିଲା ! ଆନନ୍ଦର ଆତିଶଯ୍ୟରେ ତା'ର ଗତି ଅତି ଚଞ୍ଚଳ ହୋଇ ଉଠୁଥାଏ । ସତେ ଯେପରି କୋଟିନିଧି ପାଇଛି ସେ ।

ଆଗପରି ଲତା ଆଉ ମତେ ଲାଜ କରେନା । ମୁହାଁମୁହିଁ ଭାବରେ ଆସି କଥାବାର୍ତ୍ତା ହୁଏ । ବାଳିକା ସୁଲଭ ଚପଳତାରେ ମତେ ପରିହାସ କରେ କେତେ କଣ । ମୁଁ ଦୁଷ୍ଟାମୀ କରି ତା'ର ବେଣୀ ଟାଣି ଦିଏ । ସୁଯୋଗ ଦେଖି ତାକୁ ପାଖକୁ ଭିଡ଼ିଆଣି ଗାଲରେ ସରୁ ଚୁପଡ଼ା ମାରେ । ଆଖି ଦୁଇଟି ଲାଜରେ ମଉଳି ଯାଏ ତା'ର । ସେ କୃତ୍ରିମ ରାଗ ପ୍ରକାଶ କରି ମୋ' ପାଖରୁ ଅପସରି ଯାଇ କହେ, ତୁମେ ବଡ଼ ଦୁଷ୍ଟ । ମତେ ଲାଗେ ସେ କଥା ପଦକ ଯେପରି ମୋ' ପ୍ରତି ତା'ର ସମସ୍ତ ସ୍ନେହର ସମାବେଶ । ତା'ର ଲାଜ ନତ ମୁହଁଟି ଆଡ଼େ ଚାହିଁ ରହି ମୁଁ ଆନନ୍ଦରେ ଆତ୍ମହରା ହୋଇଯାଏ ।

ଅପାର ବାତ୍ସଲ୍ୟମମତା, ଲତାର ସସ୍ନେହ ଆକର୍ଷଣ' ଆଉ ମଉସା ମାଉସୀ ଓ ଭଣୋଇଙ୍କର ଅଯାଚିତ ଆଦର ଲାଭ କରି ଅତି ସୁଖରେ ମୁଁ ଦିନ ଗୁଡ଼ିକ କଟାଇ ଦିଏ । ଗ୍ରୀଷ୍ମାବକାଶ— ଖୁବ୍ ଲମ୍ବା ଛୁଟି, ଅତଏବ ମୁଁ ଘରକୁ ଯିବାର ପ୍ରଶ୍ନ ଉଠାଇଲେ ସମସ୍ତେ ନାସ୍ତି ବାଣୀ ଶୁଣାଇ ହସି ଦିଅନ୍ତି । ଏଥିରେ ଲତାର ଖୁସି କୁଣ୍ଢେମୋଟ ହୋଇଯାଏ । ସତେ ଯେପରି ତା' ମନର କଥା ଘରର ଆଉ ସମସ୍ତେ ଜାଣନ୍ତି ।

କହିବା ବାହୁଲ୍ୟ ଯେ ମୋ' ସହିତ ମୁକ୍ତଭାବେ ମିଶିବାରେ ଲତା ପ୍ରତି କୌଣସି ବାଧା ନ ଥାଏ । ସେ ଖୁବ୍ ସହଜ ଢଙ୍ଗରେ ସାରା ମୋ' ସହିତ ଆସି ବହୁତ ରାତିଯାଏ ଆଲାପ କରେ । ତା' ହସ କାନ୍ଦ ଭରା ଜୀବନର କଥା ଗୁଡ଼ିକ ମତେ ଶୁଣାଇ ଅପାର ଆନନ୍ଦ ଅନୁଭବ କରେ ସେ । ମୁଁ ତାକୁ ହୃଦୟ ଦେଇ ଭଲ ପାଏ, ଏକଥା ହୃଦୟଙ୍ଗମ କରି ସେ ମନେ ମନେ ଗୌରବାନ୍ୱିତ ହେବା ଭଳି ଜଣାପଡ଼େ ।

ମୋ ପାଖରେ ତାର ନିଜ ସଂପୂର୍ଣ୍ଣ ଭାବେ ଲୁଚି ଯାଇଛି । ଏବେ ମୋ ପାଖରେ ଏକ ନୂଆ ରୂପରେ ଦେଖା ଦେଇଛି ସେ । ମୁଁ ତାକୁ ପାଖକୁ ଭିଡ଼ି ଆଣି ଗାଲରେ ସହୁସ୍ପଡ଼ା ମାରିଲେ ସେ ଆଉ 'ଦୁଷ୍ଟ' ବୋଲି କହି ଦୂରେଇ ଯାଏ ନି । ବାଧ ଶିଶୁଟି ଭଳି ମୋର ଛାତିରେ ଢଳି ପଡ଼େ । ନାସିକାଟି ତାର ଅଳ୍ପ ଅଳ୍ପ ଫୁଲି ଉଠେ । ଅର୍ଦ୍ଧ ନିମିଳିତ ଚକ୍ଷୁରେ ମୋର ମୁହଁକୁ ଚାହିଁ ରହେ ସେ । ସେ ଚାହାଣିରେ ସେ ମତେ କେତେ କଣ କହିଯାଏ । ଯୌବନ ସୁଲଭ ଶିହରଣ ଆଉ କ୍ଷଣିକ ଉତ୍ତେଜନାରେ ମୁଁ ତାକୁ ବୁକୁରେ ଜାକି ଧରି ଡାକେ, ଲତା...... ସେ ଥରିଲା କଣ୍ଠରେ ଉତ୍ତର ଦିଏ, ଉଁ ......, ସେଇ ଦୁଇ ପଦରେ ଯେପରି ପରସ୍ପର ଅନ୍ତରର ବହୁତ କଥା ବ୍ୟକ୍ତ ହୋଇଯାଏ । କେତୋଟି ମୁହୂର୍ତ୍ତପରେ ଦୁହେଁ ପ୍ରକୃତିସ୍ଥ ହେଉ । ସେ ମୋର ବାହୁ ପାଶରୁ ନିଜକୁ ମୁକ୍ତ କରି ଅପସରି ଯାଏ ଆଉ ଲଜରା ଆଖି ଦୁଇଟିକୁ ଭୂଇଁରେ ରଖି ଟିକିଏ ସଂଯତ ଗଳାରେ କହେ, ଦୁଷ୍ଟ ।

ସେଦିନ ଖିଆ ପିଆ ସରୁ ସରୁ ରାତି ଟିକିଏ ବେଶି ହୋଇ ଯାଇଥିଲା । ଲତା ଆସି କହିଲା, ଚାଲ ଟିକିଏ ବଗିଚାରେ

ବୁଲି ଆସିବା—ଘରେ ଆଜ ଭାରି ଗରମ ଲାଗୁଛି । ଦୁହେଁ ଯାଇ ବଗିଚାରେ ଦୁବ ଘାସର ବହଳିଆ ଶେଯ ଉପରେ ବସିଲୁ। ସ୍ନିଗ୍ଧ ପବନର ପରଶରେ ତନୁ ମନ ପୁଲକିତ ହୋଇ ଉଠୁଥାଏ। ଲତା ମୋର ପାଖକୁ ଲାଗି ଆସି କହିଲା, ଦେଖିଲ, ଜହ୍ନ ମାମୁଁ କିପରି ବଉଦ ସାଙ୍ଗରେ ଲୁଚକାଳି ଖେଳୁଛି !

ମୁଁ ଅନ୍ୟମନସ୍କ ଭାବରେ କହିଲି, ହଁ ଖେଳୁଛିତ !

ସେ ମୋର ଅନ୍ୟମନସ୍କତା ଲକ୍ଷ୍ୟ କରି କହିଲା, କଣ ଭାବୁଛ ?

ଭାବୁଛି···ତୁମର କଥା, ମୁଁ କହିଲି ।

ମୋ କଥା ? ଟିକିଏ ବିସ୍ମିତ ହୋଇ ପଚାରିଲା ସେ ।

ହଁ ତୁମର କଥା—ମୁହଁଟି ତୁମର ଜହ୍ନମାମୁଁଠୁ ଆହୁରି ସୁନ୍ଦର। ମୁଁ ଉତ୍ତର ଦେଲି । ସେ ସ୍ମିତହାସ୍ୟ କରି ତଳକୁ ମୁହଁପୋତି ଦେଲା । ମୁଁ ଦୁଇ ହାତରେ ତାର ମୁହଁଟି ଟେକି ଧରି କହିଲି, ଲତା, ମୋ ଆଡ଼େ ଚାହିଁଲ ! ସେ ନିମିଷକ ପାଇଁ ମୋ ମୁହକୁ ଅନାଇ ପୁଣି ତଳକୁ ମୁହଁ ପୋତିଲା। ମୁଁ ଗୋଟିଏ ହାତ ତାର ସୁକୋମଳ କାନ୍ଧ ଉପରେ ରଖି ଅନ୍ୟଟିରେ ତାର ଚିବୁକ ଉଠାଇ ଉଠାଇ କହିଲି; ମୋ ଆଡ଼େ ଚାହଁ ଲତା, ଆଜି ତୁମର ମୁହଁଟିକୁ ମୁଁ ଆଖି ପୂରାଇ ଦେଖେ । ସେ ମୋ ମୁହଁକୁ ଚାହିଁବାକୁ ଚେଷ୍ଟାକଲା; କିନ୍ତୁ ପାରିଲା ନାହିଁ । ନର୍ତ୍ତକୀଙ୍କ ଭଳି ତାର ତନୁଲତାଟି ମୋର ପ୍ରଶସ୍ତ ବକ୍ଷ ଉପରେ ଢ଼ାଳି ଦେଲା । ଖଣ୍ଡେ ଧୂସର ରଙ୍ଗର ବଉଦର ଆଢୁଆଳରେ ଚନ୍ଦ୍ର କେଉଁଆଡ଼େ ଲୁଚିଗଲା । ଲତା ତାର ଲବଣୀ-ପେଲବ ବାହୁ ଦୁଇଟିକୁ ମୋର

ବେକରେ ଛନ୍ଦି ଦେଇ ଗଦ୍‌ଗଦ କଣ୍ଠରେ କହି ଉଠିଲା, ସୁନନ୍ଦ ଭାଇ ······ତୁମେ··· ତୁମେ···ଭାଇ ସୁ···ନ୍ଦ···ର··· ! ସେ କଣ୍ଠରେ ଭରି ରହିଥିଲା ଆକୁଳତା । ଶ୍ୱାସ ପ୍ରଶ୍ୱାସ ତାର ଖୁବ୍ କ୍ଷିପ୍ର ଗତିରେ ବହି ଚାଲିଥିଲା । ଆଜି କଣ କହିବ କହିବ ବୋଲି ତାର କଣ୍ଠ ରୁଦ୍ଧ ହୋଇ ଆସୁଥିଲା ଯେପରି ! ତା ଆଶାୟୀ ଆଖିର କରୁଣ ଚାହାଣି ମୋର ପଦତଳେ ସମର୍ପି ଦେଇଥିବା ତାର ଅର୍ଘ୍ୟଟିକୁ ଗ୍ରହଣ କରିବାକୁ ନୀରବ ନିବେଦନ କରୁଥିଲା । କିନ୍ତୁ ତାର ସେ ଅଯାଚିତ ଦାନକୁ ଉପେକ୍ଷା କରିବାକୁ ବାଧ୍ୟ ହେଲି ମୁଁ । ଯାହାକୁ ମୁଁ ଜୀବନଠୁଁ ଅଧିକ ଭଲପାଏ, କ୍ଷଣିକ ଉତ୍ତେଜନାରେ ତାର ସର୍ବନାଶ କରିବା ପାଇଁ ମୋର ବିବେକ ମତେ ବାଧା ଦେଲା । ମୁଁ ପ୍ରକୃତିସ୍ଥ ହୋଇ ଲତାକୁ ମୋର ବକ୍ଷ ଉପରୁ ଉଠାଇ ଉଠାଇ କହିଲି, ଚାଲ ଲତା ଶୋଇବା, ବହୁତ ରାତି ହେଲଣି । ଏକ ଦୀର୍ଘଶ୍ୱାସ ତ୍ୟାଗକରି ଠିଆ ହେଲା ସେ । ଦୁହେଁ ଗୃହାଭିମୁଖୀ ହେଲୁ । ସେତେବେଳକୁ ବଉଦ ଜଞ୍ଜାଳରୁ ମୁକ୍ତ ହୋଇ ଚନ୍ଦ୍ର ପୁଣି ହସି ଉଠିଲଣି ।

କେତେ ବିରାଟ ଆଶାର ସଞ୍ଚିତ ଲତା ତାର ସର୍ବସ୍ୱ ଉତ୍ସର୍ଗ କରିଥିଲା ମୋ ପାଇଁ । ସେ କଣ ଆଜି ଜାଣିଥିଲା ମୁଁ ତାକୁ ଏପରି ଭାବେ ଉପେକ୍ଷା କରିବି ବୋଲି ? ପ୍ରଣୟାତୁର ମନ ତାର ମୋର ଉଚ୍ଚ ଆଦର୍ଶକୁ ବୁଝିବାକୁ ସଂପୂର୍ଣ୍ଣ ଅକ୍ଷମ ଥିଲା । ମୋର ବ୍ୟବହାରରେ ସେ ଆଜି ଆହତା—ତାର ନାରୀତ୍ୱ ଅପମାନିତା ; କିନ୍ତୁ ତାହା ଯେପରି ମୋ ନିକଟରେ ପ୍ରକାଶ ନ ପାଏ ସେଥିପାଇଁ ଯତ୍ପରୋନାସ୍ତି ଚେଷ୍ଟା କରୁଥିଲା ସେ ।

ଦିନେ ରାତିରେ ମୋର ମୁଣ୍ଡ ଟିକିଏ ବିନ୍ଧୁଥିଲା । ମୁଁ ବ୍ୟସ୍ତ ଭାବରେ ବିଛଣା ଉପରେ ଏକର ସେକର ହେଉଥାଏ । ଶୋଇବାକୁ

ଯେତେ ଚେଷ୍ଟା କଲେ ମଧ୍ୟ ଆଖି କଷା ପଡ଼ୁନାହିଁ । ଏହାପରେ ଖାବରେ କେତେ ସମୟ କଟି ଯିବାପରେ ଯେତେବେଳେ ମତେ ଟିକେ ନିଦ ଲାଗି ଆସୁଥିଲା ; ମୁଁ ମୋର କପାଳ ଉପରେ ଏକ କଅଁଳ ହାତର ଶୀତଳ ସ୍ପର୍ଶ ଅନୁଭବ କରି ଅସ୍ପଷ୍ଟ ସ୍ୱରରେ ପଚାରିଲି; କିଏ ?

କେହି ନୁହେଁ, ମୁଁ ଲତା ।

ଲତା ! ଅସମୟରେ ଯେ ।

ସେ ମୋ ପ୍ରଶ୍ନର ଉତ୍ତର ନ ଦେଇ ମୋର ମୁଣ୍ଡକୁ ଧୀରେ ଧୀରେ ଚିପିବାରେ ଲାଗିଲା । ମୁଁ ଆଶ୍ଚର୍ଯ୍ୟ ହେଲି, ମୁଣ୍ଡ ବିନ୍ଧିବା କଥା ମୁଁ ତ କାହା ଆଗରେ କହିନାହିଁ; ଲତା କିପରି ଜାଣିଲା । ତାକୁ ବାଧା ଦେଇ କହିଲି, ଏ କଣ କରୁଛ ଲତା ? ସେ ଅଭିମାନ କଲା ଭଳି ଉତ୍ତର ଦେଲା, ତୁମର ଦେହ ଅସୁସ୍ଥ, ମତେ ଲୁଚାଇ ଥିଲ ନା ? ଯୋର କରି ସେ ପୁଣି ମୋର ମୁଣ୍ଡ ଚିପିବାରେ ଲାଗିଲା । ମୁଁ କହିଲି, ମୋର ଦେହ ଅସୁସ୍ଥ ? ମିଛ କଥା । ସେ ଦୃଢ଼ତାର ସହିତ କହିଲା, ଲତା ନିକଟରେ ତୁମର କୌଣସି କଥା ଗୋପନୀୟ ରହି ନ ପାରେ । ତୁମ ଶିରା ପ୍ରଶିରାରେ ପ୍ରବାହିତ ରକ୍ତ ସ୍ରୋତର ଗତି ମଧ୍ୟ ତା ଆଖିରେ ସ୍ପଷ୍ଟ । ମୁଁ ଅତି ଶ୍ରଦ୍ଧାରେ ତାର ଓଠକୁ ଟିକିଏ ଚିପି ଦେଇ କହିଲି, ମୋର ଦେହ କିଛି ହୋଇନି ଯେ ଖାଲି ମୁଣ୍ଡଟା ଭାହିଁକି ଟିକିଏ ଟିକିଏ ବିନ୍ଧୁଛି—ସେ କିଛି ନୁହେଁ । ଏକ ଦୀର୍ଘ ଶ୍ୱାସ ତ୍ୟାଗ କଲା ଲତା । ତାପରେ ନୀରବତାରେ କିଛି ସମୟ କଟିଗଲା—ସେ କମ୍ପିତ ସ୍ୱରରେ କହିଲା, ସୁନନ୍ଦ ଭାଇ, ମୁଁ ଯଦି ତୁମ ପାଖରେ କିଛି ଦୋଷ କରିଥାଏ, ତେବେ କ୍ଷମା ଦେବ ।

ହଠାତ୍ ତା ମୁହଁରୁ ଏଭଳି କଥା ପଦେ ଶୁଣିବି ବୋଲି ଆଶାକରି ନ ଥିଲି । ସେ କଥାର ମର୍ମ ମୁଁ ସ୍ପଷ୍ଟ ବୁଝି ପାରିଲି । ସ୍ନେହର ପ୍ରାଚୁର୍ଯ୍ୟରେ ମୁଁ ତାକୁ ବାହୁ ପାଶରେ ଆବଦ୍ଧ ରଖି କହି ପକାଇଲି, ଦୋଷ, ମୋ' ପାଖରେ ତୁମର ପୁଣି ଗୋଟାଏ ଦୋଷ ? ଛି-ପାଗଳି !! ସେ ପୋଷା ଜୀବଟି ପରି ମୁହଁଟିକୁ ମୋ' ଛାତିରେ ଗୁଞ୍ଜିଦେଲା ।

× × ×

କେତୋଟି ଦିନ ବିତି ଯାଇଛି । ତା'ର ଭିତରେ ବହୁବାର ଲତା ମୋର ବାହୁବନ୍ଧନ ମଧ୍ୟରେ ରହି ସଫଳତାର ସ୍ୱପ୍ନରେ କେତୋଟି ମୁହୂର୍ତ୍ତ ସକାଶେ ଦୁନିଆକୁ ଭୁଲି ଯାଇଛି । କିନ୍ତୁ ନିଷ୍ଠୁର ମୁଁ ତା ମନର କ୍ଷୁଧା ମେଣ୍ଟାଇ ପାରିନି । ସବୁ ଆଶା ଆକାଙ୍କ୍ଷା ତା'ର ଗୋଟିଏ ଗୋଟିଏ ଦୀର୍ଘ ଶ୍ୱାସ ରୂପେ ମିଳାଇ ଯାଇଛି ଶୂନ୍ୟରେ ।

ଛୁଟି ପୂରିବାକୁ ଆଉ ଅଳ୍ପଦିନ ରହିଲା । ମତେ ଘରକୁ ଯିବାକୁ ହେବ । ମୋ' ଅପେକ୍ଷାରେ ତେଣେ ବୋଉର ଆଖି ପାଣି ମରିବଣି ।

ଯେଉଁଦିନ ମୁଁ ଘରକୁ ଫେରିବା ପାଇଁ ଅପା ହେରିକାଙ୍କଠୁ ବିଦାୟ ନେଇସାରି ଲତା ପାଖକୁ ଗଲି, ସେଦିନ ଆଗଥର ଭଳି ତା'ର ଆଖିରେ କେବଳ ଲୁହ ନ ଥିଲା—ଅନ୍ତରରେ କୋହ ବି ଥିଲା । ତା' ଅଶ୍ରୁଳ ଆଖିର କରୁଣ ଚାହାଣି ମଧ୍ୟରେ ଯେପରି ମୋ ପ୍ରତି ତା'ର ଗୋଟିଏ ମାତ୍ର ପ୍ରଶ୍ନ—ସୁନନ୍ଦ ଭାଇ, ଏତେ ଶୀଘ୍ର ଚାଲି ଯାଉଛ । ନିଜର ଅଜ୍ଞାତରେ ମୋ ଆଖିରୁ ମଧ୍ୟ ଲୁହଟିଏ ପଡ଼ିଥିଲା ସେଦିନ ।

ତା..........

ରଚନା ( [illegible] )

ଗାଆଁରେ ଅବଶିଷ୍ଟ ଛୁଟି ଦିନ କେଇଟି ମତେ ଅତି ନୀରସ ବୋଧ ହେଲା । ଅପା ଘରର ସୁଖମୟ ସ୍ମୃତି ସବୁ ମନକୁ ମୋର ବ୍ୟଥିତ କରି ପକାଉ ଥାଏ । କଲେଜ ଖୋଲିଲା । ମୁଁ କଟକ ଆସିଲି । ବନ୍ଧୁ ପରିବେଶ ମଧ୍ୟରେ ମନ ଟିକିଏ ସ୍ୱାଭାବିକ ଅବସ୍ଥାକୁ ଆସିଲା ମୋର ।

ରଥ ଚକପରି ଦିନ ପରେ ଦିନ ମାସ ପରେ ମାସ କୁଆଣ୍ଡି ଗଡ଼ିଯାଏ । କଲେଜ ଛୁଟି ହେଲେ ମଝିରେ ମଝିରେ ଅପାଘରକୁ ଯାଏ ମୁଁ । ପ୍ରବାସରେ ଲତାଠାରୁ ନିୟମିତ ଚିଠିପାଏ । ସବୁଗୁଡ଼ିକ ମୋ ପ୍ରତି ତା'ର ମାନ ଅଭିମାନ, ଆଉ ପ୍ରାଣର ଦରଦରେ ପରିପୂର୍ଣ୍ଣ । ସେଥିରେ ତା ମନ ଗହନର ଲୁକାୟିତ ବ୍ୟଥାଟି ଆପେ ଆପେ ଫୁଟି ଉଠିଥାଏ ଯେପରି ।

ଦିନେ ଲତାଠାରୁ ଏକ ଚିଠି ପାଇ ମୋ' ମନର କେଉଁ ଅଜଣା କୋଣରେ ବିଷାଦର କ୍ଷୀଣ ଦୀପଟିଏ ଜଳି ଉଠିଲା । ଆସନ୍ତା ମାର୍ଗଶୀରରେ ତା'ର ବା' ଘର ହେବ । ସେଥିପାଇଁ ଆଖିର ଲୁହ ଆଉ ମନର କୋହରେ ମୋର ଦର୍ଶନ ଭିକ୍ଷାକରି ଚିଠି ଲେଖିଥିଲା ସେ ।

ଯାହାକୁ ମୁଁ ଦୀର୍ଘ ଦିନ ଧରି ଅନ୍ତରର ସହିତ ଭଲ ପାଇ ଆସିଛି ସେ ଯଦି ଉପଯୁକ୍ତ ସାଥୀ ପାଇ ଏକ ସୁଖମୟ ଜୀବନ ଯାପନ କରେ, ତେବେ ଏହାଠାରୁ ବଡ଼ ସଂପଦ ମୋର ଆଉ କଣ ଥାଇପାରେ ? ଏକ ସୁନାର ସଂସାର ଗଢ଼ି ଲତା ଯଦି ସ୍ୱର୍ଗୀୟ ଗୌରବର ଅଧିକାରିଣୀ ହୁଏ, ତେବେ ତାହା କଣ ମୋର ନୁହେଁ ? ସୁତରାଂ ତା'ର ବିବାହ ଖବର ପାଇ ମୁଁ ଦୁଃଖ କଲେ, ନିଜକୁ ତା'ର ହିତାକାଂକ୍ଷୀ ବୋଲି କହିବାରେ ସତ୍ୟର ଅପଳାପ ହେବ । ଲତାର ମଗଳ କାମନା କରି ଦୟାମୟଙ୍କ ଉଦ୍ଦେଶ୍ୟରେ

ପ୍ରଣାମ କଲି ମୁଁ । ଅନ୍ତର ମଧ୍ୟରେ ଜଳୁଥିବା ବିଷାଦର କ୍ଷୀଣ ଦୀପ ଶିଖାଟି ନିର୍ବାପିତ ହୋଇ ସେ ସ୍ଥାନରେ ସୁଖର ପ୍ରଦୀପଟିଏ ଜଳି ଉଠୁଥିଲା ।

ଲତାର ବିବାହ ପାଖେଇ ଆସିଲା । ମଙ୍ଗଳଘାକନ୍ଦନ ଭିତରେ ମୁଁ ଅପା ଘରେ ପଦାର୍ପଣ କଲି । ମତେ ଦେଖି ମାଉସୀ ତାଙ୍କର କୋଟରଗତ ଚକ୍ଷୁ ଦୁଇଟିରୁ ଦୁଇଧାର ଲୁହ ଗଡ଼ାଇ କହିଲେ, ଏତେ ଦିନେ ମନେ ପଡ଼ିଲା ପୁଅ ! ସୁନାଟା ମୋର ତତେ ଝୁରି ଝୁରି ଅଧେ ଶୁଖି ଗଲାଣି । ଶେଷ ବେଳକୁ ଏଡ଼ିକି ନିଷ୍ଠୁର ହେଲୁ ତା' ପ୍ରତି । ଭାରି ଦୁଃଖ ଲାଗିଲା ମତେ । ବାସ୍ତବିକ୍ ଦୁଇବର୍ଷର ଦିନ ଆଗରୁ ଆସିବାର ଉଚିତ୍ ଥିଲା ମୋର ।

ଖାଇବାକୁ ଦେଇସାରି ଅପା ମୋର ଶୋଇବା ପାଇଁ ଏକ କୋଳାହଳ ଶୂନ୍ୟ କୋଠରୀ ଭିତରେ ବିଛଣା କରି ଦେଲା । ମୁଁ ପଚାରିଲି, ଲତା କାହିଁ ? ସେ କହିଲା ଝିଅଙ୍କ ସାଙ୍ଗରେ ସାହି ବୁଲି ଯାଇଛି । ଏଇକ୍ଷଣି ଆସୁଥିବ—ତୁ ଟିକିଏ ଏଇଠି ଗଡ଼ପଡ଼ ହଉଥା ।

ଶୋଇ ଶୋଇ ମୁଁ ଲତା କଥା ଚିନ୍ତା କରିବାରେ ଲାଗିଲି । ଯେତେଥର ମୁଁ ଆସିଛି, ସବୁଦିନେ ଦେଖିବାକୁ ପାଇଛି ତାର ଚଳଚଞ୍ଚଳ ଗତି ଆଉ ସୁନ୍ଦର ମୁହଁଟିରେ ହସର ଅପୂର୍ବ ଆଭା । କିନ୍ତୁ ଆଜି ସେ ହସଟି ତାର ମଉଳି ଯାଇଥିବ । ପାଦର ଗତି ହୋଇ ପଡ଼ିଥିବ ଅତି ଶିଥିଳ । ତାର ସେ ବିଷାଦ ଭରା ରୂପଟି ଦେଖି ମୁଁ ଧୈର୍ଯ୍ୟ ଧରି ପାରିବି ତ ?

ଏହିପରି କେତେ କଣ ଭାବୁ ଭାବୁ କ୍ଳାନ୍ତ ଆଖି ଦୁଇଟି ମୋର ନିଦରେ ବୁଜି ହୋଇ ଆସିଲା ବେଳେ ଲତାକୁ ପାଖରେ ଆବିଷ୍କାର କରି ଉଠି ବସିଲି ମୁଁ । ସେ ଅସହାୟାଙ୍କ ଭଳି ମୋର

ହାତ ଦୁଇଟି ଧରି ପକାଇ କ୍ରନ୍ଦନାକୁଳ କଣ୍ଠରେ କହି ଉଠିଲା, ସୁନନ୍ଦ ଭାଇ...... ! ବୁକୁର କୋହ ଆଉ କିଛି ଲୁଚାଇ ହେଲା ନାହିଁ ତାକୁ । କଇଁକଇଁ ହୋଇ କାନ୍ଦି ଉଠିଲା ସେ । ମୁଁ ତାକୁ ନିଜ ଆଡ଼କୁ ଟାଣି ଆଣି ତାର ଆଖିରୁ ଲୁହ ପୋଛି ଦେଇ ଦେଇ ସାନ୍ତ୍ୱନା ଦେଲା ଭଳି କହିଲି, ଛି ଲତା, ଏପରି ଅଧୈର୍ଯ୍ୟ ହେଲେ ଚଳିବ ? ଏଥିରେ ଆହୁରି ଯୋର୍‌ରେ କାନ୍ଦି ଉଠିଲା ସେ । ତାର ଉଷ୍ଣ ଅଶ୍ରୁ ବିନ୍ଦୁ ମୋର ବକ୍ଷ ଉପରେ ରଚନା କରୁଥିଲା ପ୍ରୀତିର ତାଣ୍ଡବ । କିଛି ସମୟ ପରେ ସେ ଟିକିଏ ପ୍ରକୃତିସ୍ଥ ହୋଇ ବାଷ୍ପାକୁଳ କଣ୍ଠରେ କହିଲା, ତୁମେ ଭାରି ନିଷ୍ଠୁର । ମୁଁ ଅପରାଧୀଙ୍କ ଭଳି ନୀରବରେ ତାର ଅସଂଯତ କେଶ ରାଶି ଉପରେ ଧୀରେ ଧୀରେ ହସ୍ତଚାଳନ କରୁଥିଲି ।

ତହିଁ ଆରଦିନ ତାର ବିବାହର ସରିଗଲା । ଯେତେବେଳେ ସେ ମୋ ପାଖରୁ ବିଦାୟ ନେବାକୁ ଆସିଲା, ସେତେବେଳେ ତାର ଆଖିରେ ଆଉ ଲୁହ ନ ଥିଲା । ଅତି କରୁଣ ଆଉ ଉଦାସୀନ ଭାବରେ ମୋ ଆଡ଼କୁ ଚାହିଁ ରହି ସେ କେବଳ ଗୋଟିଏ ପଦରେ ତା ହୃଦୟର ସମସ୍ତ କଥା ବ୍ୟକ୍ତ କରିଥିଲା, ସୁନନ୍ଦ ଭାଇ, ଭୁଲି ଯିବନି ! ଆଉ କିଛି କହିବାକୁ ତା'ର ଧୈର୍ଯ୍ୟ ନ ଥିଲା ବୋଧହୁଏ । ମୁଁ ଅଶ୍ରୁ ସଜଳ ଆଖିରେ ତାକୁ ଶେଷ ଆଶ୍ଳେଷ ଦେଲି ଆଉ ହାତରୁ ମୋର ସ୍ୱନାମାଙ୍କିତ ସ୍ୱର୍ଣ୍ଣ ଅଙ୍ଗୁରୀୟଟି କାଢ଼ି ତାକୁ ପିନ୍ଧାଇ ଦେଇ ଦେଇ କହିଲି, ତୁମକୁ କଣ ମୁଁ କେବେ ଭୁଲି ପାରିବି ଲତା ? ତା ପରେ ସେ ମୋର ଅଧମାଙ୍ଗରେ ଭୂମିଷ୍ଠ ପ୍ରଣାମ କରି ସେଠାରୁ ନିଷ୍କ୍ରାନ୍ତ ହେଲା । ତାର ଶେଷ ଚାହାଣିଟି ମତେ ଅତି ନିରାଶ ବୋଧ ହେଉଥିଲା । ତାର ଜରିଆରେ ସତେ ଯେପରି ସେ ମୋ ପ୍ରତି ଅଭିଯୋଗ କରୁଛି କେତେ କଣ !

ଗତ ଦୁଇ ଘଣ୍ଟା ସରିକ ବରକନ୍ୟା ବିଦାହେଲେ । ଶେଷ ମୁହୂର୍ତ୍ତରେ ଯେତେବେଳେ ଶୁଭଶଙ୍ଖ ବାଜି ଉଠିଲା, ସେତେବେଳେ ମୁଁ ଯୋଡ଼ ହସ୍ତରେ ସ୍ରଷ୍ଟାଙ୍କୁ ପ୍ରାର୍ଥନା କରୁଥିଲି, ଲତାର ସୁନାର ସଂସାର ମଧ୍ୟରେ ଏହି ଶୁଭଶଙ୍ଖ ଚିର ଧ୍ୱନି ପାଇଁ ବାଜି ଉଠୁଥାଉ ।

× × ×

ଏହା ମଧ୍ୟରେ ଡିନୋଟି ବସନ୍ତ ଆସି ପୁଣି ଅପସରି ଯାଇଛି । ସାମୟିକ ଭାବେ ଚିଠିର ଆଦାନ ପ୍ରଦାନ ଛଡ଼ା ଲତା ସହିତ ଆଉ ଦେଖା ହୋଇନି । ମୋ ଜୀବନରେ ପରିବର୍ତ୍ତନ ହୋଇ ଯାଇଛି କେତେ କଣ ସର୍ବଗୁଣସମ୍ପନ୍ନା ରେଖାକୁ ବିବାହ କରି ମୁଁ ଆଜି ଗୋଟିଏ ସନ୍ତାନର ପିତା । ଝୁନୁର ଆବିର୍ଭାବରେ ସୁନାର ସଂସାର ମୋର ହସି ଉଠୁଛି ।

କିନ୍ତୁ—

ଲତାର ସୁଖମୟ ଜୀବନର କଳ୍ପନା କରି ମୁଁ ଯେଉଁ ରଙ୍ଗୀନ୍ ସ୍ୱପ୍ନ ଦେଖୁଥିଲି, ତା ବ୍ୟର୍ଥ ହୋଇଛି । ସୁନାର ସଂସାର ଗଢ଼ି ପାରିନି ସେ । ଅତୁଳ ଐଶ୍ୱର୍ଯ୍ୟ ଆଉ ସୁଯୋଗ୍ୟ ସ୍ୱାମୀ ପାଇ ମଧ୍ୟ ସେ ଆଜି ନିଃସ୍ୱ । ଜୀବନରେ ଏକ ବିରାଟ ଅଭାବ ଅନୁଭବ କରୁଛି ସେ । ସେ ହୋଇଛି ନିଃସନ୍ତାନା । ମାତୃତ୍ୱ ବିନା ନାରୀପ୍ରାଣ ତା'ର ହାହାକାର କରି ଉଠୁଛି । ଜୀବନଟା ଭରି ଉଠିଛି ତିକ୍ତତାରେ । ଏଥିପାଇଁ ଦାୟୀ ତା ସ୍ୱାମୀଙ୍କର ରକ୍ତହୀନ ଦୁର୍ବଳତା ।

ଏବେ ସେ ମୋ' ପାଖକୁ ଯେଉଁ ଚିଠିଗୁଡ଼ିକ ଦିଏ ତାହା ଅତି ମର୍ମସ୍ପର୍ଶୀ । ହତାଶା ଆଉ ବ୍ୟର୍ଥତାଭରା ଜୀବନର କଥା

ଗୁଡ଼ିକ ଠିକ ନଖି କରି ମୋ ପାଖକୁ ଲେଖେ ସେ । ମୋ' ଛଡ଼ା ଯେ:ରି ଦୁନିଆଁରେ ତା'ର ଅନ୍ୟ କେହି ନାହିଁ, ଯାହା ନିକଟରେ ସେ' ମରମତଳର କଥା ସବୁ ପ୍ରକାଶ କରି ଦୁଃଖ ଭାର ଲାଘବ କରିବ । ତା'ର ଚିଠିଗୁଡ଼ିକ ପଢ଼ି ଅନୁଶୋଚନାରେ ମୋର ମନ ଭରି ଯାଏ । ଆଖିରେ ଲୁହ ଜକେଇ ଆସେ । ଆହା, ଲତା ଆଜି ମୋର ହୋଇଥିଲେ କେତେ ସୁଖୀ ହୋଇ ନଥାନ୍ତା ଟି ! ପର ମୁହୂର୍ତ୍ତରେ ମୁଁ ଚମକି ପଡ଼େ; ଛି, ଛି, ପର ସ୍ତ୍ରୀ ବିଷୟରେ ଏଭଳି ଭାବିବା ପାପ ।

ପୁଅଣି ହୋଇ ଏବେ ଗାଆଁକୁ ଆସିଚି ଲତା । ମତେ ଯିବାକୁ ଲେଖିଛି ସେ । ଏକା ମତେ ତ ନୁହଁ—ବୁନୁକୁ ବି ସାଙ୍ଗରେ ନେଇଯିବାକୁ ହେବ । ତାକୁ ଦେଖିବାକୁ ଭାରି ଇଚ୍ଛା ତାର ।

ଏକ ଅଜଣା ଆନନ୍ଦରେ ମନ ମୋର କୁରୁଳି ଉଠିଲା । ଏତେଦିନ ପରେ ପୁଣି ଦେଖାହେବ ଲତା ସହିତ । ବୁନୁକୁ ଦେଖି ସେ କେତେ ଖୁସିହେବ—ଆଗପରି ପୁଣି ମୋର ସତ୍କାର କରିବାରେ ଭୋକ ଶୋଷ ଭୁଲିଯିବ ଆଉ ଦୀର୍ଘ ସମୟ ଧରି ମୋ ସହିତ ଗପ କରିବ କେତେ କଣ । କିନ୍ତୁ ଯେତେବେଳେ ତା ମନ ଗହନର ବ୍ୟଥାଟି ଏକ ଦୀର୍ଘଶ୍ୱାସ ରୂପେ ଶୂନ୍ୟରେ ମିଳାଇ ଯିବ, ସେତେବେଳେ ମୁଁ ତାକୁ କି ସାନ୍ତ୍ୱନା ଦେବ ?

ବୁନୁକୁ ସାଙ୍ଗରେ ନେଇ ମୁଁ ଅପା ଘରକୁ ଗଲି । ଦାଣ୍ଡରୁ ମତେ ଦେଖି ଲତା ପ୍ରଥମେ କୋ'ଠୀବନ୍ଧି ପଡ଼ିଲା ପରି ଧାଇଁ ଆସି ବୁନୁକୁ କୋଳକୁ ନେଇ ଗେଲ କରି କରିକା ଘର ଭିତରକୁ

ଚଳାଇ ଗଲା । ମୁହୂର୍ତ୍ତକ ମଧ୍ୟରେ ପରିବାରଟିରେ ଏକ ଆନନ୍ଦର ଗୁଞ୍ଜରଣ ଖେଳିଗଲା । ସମସ୍ତେ ଆଗ ଭେଗ୍ରାଏ ବେଭଗ୍ରାଏ କାଖେଇ ପକେଇଲେ ତାକୁ । ଅପା ତାକୁ ବୁକୁରେ ଜାକିଧରି ତାର ମୁହଁରେ ବେକ ଦେଉଦେଉ ମନେ ଲକ୍ଷ୍ୟକରି କହିଲା, ଠିକ୍ ତୋରି ଭଳିଆ ହୋଇଚିରେ ବୁଢ଼ା ! ତା'ପରେ ଲତା ଯୋରକରି ଅପା କୋଳରୁ ବୁନୁକୁ ଛଡ଼ାଇ ନେଇ କାଖେଇ କରି ଏଘର ସେଘର ବୁଲାଇ କେତେ ଜଣ ଦେଖାଇବାକୁ ଲାଗିଲା । ଆନନ୍ଦରେ ଗୋଡ଼ ତାର ତଳେ ଲାଗୁ ନ ଥାଏ । ଅପା ଡାକିଲା, ଲତା, ତାକୁ ଆଣ, ମୁଁ ଖୁଆଇ ଦେଇ ସାରେ ତୁମେ ନେଇ ବୁଲାଉ ଥିବ । ସେ ଦୃଢ଼ଭାବରେ ଉତ୍ତର ଦେଲା, କାହିଁକି, ମତେ କଣ ଖୁଆଇ ଦେଇ ଆସେ ନାହିଁ କି ? ମୁଁ ତାକୁହିଁ ଚାହିଁ ରହି ଯାଉଥିଲି ହାୟରେ, ଯେ ଏତେ ପିଲା ରଙ୍କୁଣୀ; ତା କୋଳ ଶୂନ୍ୟ ରଖି ଭଗବାନ କି ଯଶ ପାନ୍ତି କେଜାଣି ।

ବୁନୁକୁ କେତେବେଳେ କୋଳରୁ ଛାଡ଼ୁ ନ ଥିଲା ଲତା । ତାକୁ ପାଇ ଘରକାମ କରିବାକୁ ବି ସମୟ ନ ଥିଲା ତାର । ସତେ ଯେପରି ସେଇଥିରୁ ସେ ତା' ଜୀବନର ସଫଳତା ଲାଭ କରୁଛି ।

ସଞ୍ଜବେଳେ ଲତା ବୁନୁକୁ ଧରି ମୋ ପାଖକୁ ଆସିଲା । ଅତି ଯତ୍ନରେ ତାର ମୁଣ୍ଡକୁ କୁଣ୍ଡାଇ ଅପାଙ୍ଗରେ କଜ୍ଜଳ ଲାଇଦେଇ ଥାଏ ସେ । ସେଦିନ ମୁଁ ଲକ୍ଷ୍ୟକଲି ଅହେତୁକ ଭାବରେ ତାର ମୁହଁଟି ମାତୃତ୍ୱର ଗୌରବରେ ଉଦ୍ଭାସିତ ହୋଇ ଉଠୁଛି ଯେପରି ! ସେ ମୋଠୁ ଅଳ୍ପ ଛଡ଼ାରେ ବସି ବୁନୁକୁ ଦେଖାଇ ହସି ହସି କୌତୂହଳ ସହକାରେ ପଚାରିଲା, ଏ

କିଏ ? ମୁଁ ଉତ୍‌ଫୁଲ୍ଲିତ ହୋଇ ଉତ୍ତର ଦେଲି, ତୁମ ପୁଅ । ସେଇଠୁ ସେ ତାକୁ ଅତି ନିବିଡ଼ ଭାବରେ ବୁକୁରେ ଜଡ଼ାଇ ଧରି ବୋକ ଦେଇ ଦେଇ କହିଲା, ମୋ ପୁଅ............. ଏଁରେ ବୁନୁ, ତୁ ମୋପୁଅ ହବୁ ? ବୁନୁବି ତା ମୁହଁକୁ ଚାହିଁ ମୁଣ୍ଡ ଟୁଙ୍ଗାରି ଦେଲା । ସେ ଆହୁରି ନିବିଡ଼ ଭାବରେ ତାକୁ ବକ୍ଷରେ ଜାକି ଧରି ଘନଘନ ବୋକ ଦେବାକୁ ଲାଗିଲା । ସେତେବେଳେ ତାର ଭାବପ୍ରବଣ ଆଖି ଦୁଇଟିରେ ମୁଁ ଲୁହ ଦେଖିବାକୁ ପାଇଥିଲି । ସେ ଲୁହ ଆନନ୍ଦର କି ଅନୁଶୋଚନାର କହି ପାରିବି ନାହିଁ ।

ସେଥର ଅପାଦରେ ମୁଁ ବୃନ୍ଦାବନ ରହିଲି । ଲତା ମୋ ସହିତ ଠିକ୍ ପୂର୍ବପରି ବ୍ୟବହାର କରୁଥିଲା । ତାର ସାନ୍ନିଧ୍ୟ ଭାରି ଭଲ ଲାଗୁଥିଲା ମତେ । ରେଖା ବିଷୟ ନେଇ ବେଶି ଆଲୋଚନା କରୁଥିଲା ସେ । ତାର ପ୍ରତି କଥାରେ ନିଜକୁ ରେଖା ସହିତ ତୁଳନା କରିବାରେ ହୀନତା ପ୍ରକାଶ ପାଉଥିଲା । ଦୁନିଆର ଯେ କୌଣସି ସ୍ତ୍ରୀ ଲୋକଠାରୁ ଯେପରି ସେ ଶ୍ରେଷ୍ଠ, ଏହି ମନୋଭାବ ତାର ପ୍ରତି କଥାରୁ ସ୍ପଷ୍ଟ ଭାବେ ବୁଝା ପଡ଼ୁଥିଲା ।

ତା ଜୀବନରେ ଅନୁଭୂତ ଅଭାବଟି ପାଇଁ ସେ ହୁଏତ ଆଜି ଅଧୈର୍ଯ୍ୟ ଭାବରେ ମୋର ବକ୍ଷ ଉପରେ ଲୋଟି ପଡ଼ୁଥାନ୍ତା— କିନ୍ତୁ ବୁନୁକୁ ପାଇ ସେ ଅନେକ ପରିମାଣରେ ଆତ୍ମସ୍ଥ ହୋଇଥିଲା ।

ଦିନେ ରାତିରେ ସମସ୍ତେ ଶୋଇ ସାରିବା ପରେ ସେ ଆକସ୍ମିକ ଭାବରେ ମୋ ପାଖରେ ପହଞ୍ଚି କହିଲା, ଆଜି ମୋତେ ନିଦ ହେଉ ନାହିଁ—ଚାଲ ଗପ କରିବା । କଣ୍ଠରେ ତାର

ଅସ୍ୱାଭାବିକତା ପରିଲକ୍ଷିତ ହେଉଥିଲା । ମୋତେ ଟିକଏ ଟିକଏ ନିଦ ଲାଗି ଆସୁଥିଲେ ମଧ୍ୟ ଅତନ୍ଦ୍ରାର ଅଭିନୟ କରି କହିଲି, ହଁ, ମୋର ବି ସେଇଆ ଇଚ୍ଛା ଥିଲା । ଅର୍ଦ୍ଧଶାୟିତ ଭାବେ ଉଠି ବସିଲି ମୁଁ । ନୀରବତାରେ କେତୋଟି ମୁହୂର୍ତ୍ତ ବିତି ଯିବା ପରେ ସେ ପୁଣି ଆରମ୍ଭ କଲା, ରେଖାଅପାଙ୍କୁ ଛାଡ଼ି ଏଠାରେ ବୋଧହୁଏ ତୁମକୁ ଭଲ ଲାଗୁ ନ ଥିବ । ମୁଁ ହସି ହସି ଆନ୍ତରିକତାର ସହିତ ଉତ୍ତର ଦେଲି, କାହିଁକି, ତୁମଠୁ କଣ ରେଖାଅପା ମୋର ଏତେ ଆପଣାର ?

ହଁ, ରେଖା ଅପା ତୁମର ଆପଣାର ନୁହଁ—ଆଉ କଣ ମୁଁ ? ମୁଁ ପରା ଅଲକ୍ଷଣୀଟାଏ ! ଲତାର କଥା ବିଶେଷଭାବେ ଆଘାତ ଦେଲା ମତେ । ମୁଁ ତାର ଅତି ନିକଟକୁ ଘୁଞ୍ଚି ଆସି ତାର ଚୂର୍ଣ୍ଣ କେଶ ରାଶି ଉପରେ ହାତ ବୁଲାଉ ବୁଲାଉ କହିଲି, ଛି ଲତା, ସେପରି କହିଲେ ମୋର ମନ ଭାରି ଦୁଃଖ ହୁଏ । ଏତିକିରେ ଠିକ୍ ଆଗପରି ଧୈର୍ଯ୍ୟହୀନ ଭାବରେ ସେ ତାର ଅବଶ ଅଙ୍ଗଟିକୁ ମୋ ଉପରେ ଢାଳି ଦେଲା ଆଉ ଭଗ୍ନ କଣ୍ଠରେ କହି ଉଠିଲା, ମୁଁ କେଡ଼େ ଅଭାଗିନୀ ସତେ । ଅତି ବ୍ୟାକୁଳ ଭାବରେ ତାର ପଞ୍ଜରା ଅଗାଇ ବାହାରି ଆସୁଥିଲା ଗୋଟିଏ ଗୋଟିଏ ଦୀର୍ଘ ଶ୍ୱାସ । ତାକୁ ସାନ୍ତ୍ୱନା ଦେବା ପାଇଁ ଭାଷା ନ ଥିଲା ମୋର । ମୁଁ ସେହିପରି ତାର ଅସଂଯତ କେଶରାଶି ଉପରେ ଧୀରେ ଧୀରେ ହସ୍ତ ଚାଳନ କରୁଥିଲି । କିଛି ସମୟ ପରେ ସେ ପୁଣି ପାଗଳମାନଙ୍କ ପରି କହି ଉଠିଲା, ସୁନନ୍ଦ ଭାଇ, ସତ କୁହ ତୁମେ କଣ ମୋର ସୁଖ ଚାହଁନା ? ତାର ଏ କଥା ପଦକ ମତେ ଅତି ନୂଆ ବୋଧ ହେଲା । ମୁଁ କହିଲି ତୁମର ସୁଖ ନ ଚାହିଁ ମୁଁ ଆଉ କାହାର ସୁଖ ଚାହିଁବି ଲତା ? ଆଖି ଦୁଇଟି ତାର ଆଶାରେ ଉଜଳ ଉଠିଲା ଯେପରି ! ଭାବି

ପ୍ରବଣତାରେ ସେ ନିଜକୁ ଭୁଲି ଯାଇ ଗଦଗଦ ସ୍ୱରରେ କହି ଉଠିଲା, ମୋର ସୁଖ ଗୃହ ତୁମେ ? ସୁନନ୍ଦ ଭାଇ, ମୋର ସୁଖ ଗୃହ ? ତେବେ···ତେବେ···ଜୀବନରେ ଯାହା ମୁଁ ପାଇନି, ତାହା ତୁମେ······ । ଆଉ କିଛି କହି ପାରିଲାନି ସେ । କଣ୍ଠ ତାର ରୁଦ୍ଧ ହୋଇ ଆସିଲା । ବହୁ ଦିନ ଧରି ମୋ ପ୍ରତି ସେ ଯେଉଁ ନୀରବ ନିବେଦନ କରି ଆସିଥିଲା ଆଜି ବ୍ୟର୍ଥତାର କଷାଘାତରେ ତାହା ଆପେ ଆପେ ଭାଷାରେ ପ୍ରକାଶ ପାଇଲା ତାର ।

ସେତେବେଳକୁ ଲତାର ନିବିଡ଼ ବାହୁ ବନ୍ଧନ ମଧ୍ୟରେ ଆବଦ୍ଧ ଥିଲି ମୁଁ । ତାର ମୁଖ-ପଦ୍ମଟି ମୋର ବକ୍ଷ ଉପରେ ଲଗାଇ ରଖି ଘନ ଘନ ଶ୍ୱାସ ପ୍ରଶ୍ୱାସ ତ୍ୟାଗ କରୁଥିଲା ସେ । ଆଖି ଦୁଇଟିରେ ତାର ଆଶାର ଜ୍ୟୋତି ସ୍ପଷ୍ଟରୁ ସ୍ପଷ୍ଟତର ହୋଇ ଉଠୁଥିଲା । ତାହା ମୋ ପକ୍ଷରେ ହୋଇ ପଡୁଥିଲା ଏକ ଜଟିଳ ସମସ୍ୟା । ଦ୍ୱନ୍ଦ୍ୱକାରୀ ମନରେ ମୁଁ ଚିନ୍ତା କରୁଥିଲି ଦୁଇଟି କଥା—ଗୋଟିଏ ଲତାର ଉଜ୍ଜ୍ୱଳ ସତୀତ୍ୱ; ଅନ୍ୟଟି ତାର ସୁନାର ସଂସାର । କୌଣସି ସିଦ୍ଧାନ୍ତରେ ଉପନୀତ ହୋଇ ପାରୁ ନ ଥିଲି ମୁଁ ।

## ଅସ୍ତଭାନୁ

ସ୍ୱର୍ଣ୍ଣପ୍ରଭାଙ୍କର ବ୍ୟାଧି—ପାଣ୍ଡୁର ମୁଖମଣ୍ଡଳ କ୍ରମେ ମଳିନରୁ ମଳିନତର ହୋଇ ଆସୁଥିଲା । ସୁଷମିତ ତନୁଲତାରେ ତାଙ୍କର ଫୋଟି ଫୋଟି ଆସୁଥିଲା ମରଣର କାଳିମା । ତାଙ୍କର ମୁଣ୍ଡ ପାଖକୁ ଲାଗି ବସିଥିଲେ ସ୍ୱାମୀ ଅଧ୍ୟାପକ ରତିକାନ୍ତ ସାମନ୍ତରାୟ । ପତ୍ନୀଙ୍କର ବିବର୍ଣ୍ଣ ଲଲାଟ ଉପରେ ସେ ଧୀରେ ଧୀରେ ହସ୍ତ ଚାଳନ

କରୁଥିଲେ । ଭାଇ କୌମୁଦୀ କୁମାର ଚୌଧୁରୀ ବି ତାଙ୍କ ସ୍ୱାଧୀନତାର ଅବସ୍ଥାର ଖବର ପାଇ କଟକରୁ ଧାଇଁ ଆସିଥିଲେ ପୁରୀ । ସେ ନୀରବରେ ବସି ତାଙ୍କର ଜୀର୍ଣ୍ଣଶୀର୍ଣ୍ଣ ଦେହଟା ପ୍ରତି ସକରୁଣ ଦୃଷ୍ଟିପାତ କରୁଥିଲେ ।

ସ୍ୱର୍ଣ୍ଣପ୍ରଭାଙ୍କ ରୁଗ୍ଣ ଶରୀରର ସମସ୍ତ ଉଷ୍ଣତା କ୍ରମେ ଲିଭି ଲିଭି ଆସୁଥିଲା । ବ୍ୟଥିତ ହୃଦୟର ତନ୍ତ୍ରୀ ଅଗରେ କଣ୍ଠରୁ ତାଙ୍କର ଝରିପଡ଼ୁଥିଲା ଅସ୍ପଷ୍ଟ ଚିତ୍କାର—ବିକୃତ ହୋଇ ଉଠୁଥିଲା ମୁଖର ଭଙ୍ଗୀ ।

କିମିତି ଲାଗୁଛି ? ନୀରବତା ଭଙ୍ଗକରି ପଚାରିଲେ ଡାକ୍ତର ସନ୍ତୋଷ ବାବୁ । କିନ୍ତୁ ସ୍ୱର୍ଣ୍ଣପ୍ରଭା କିଛି ଉତ୍ତର ଦେବାକୁ ଅକ୍ଷମ ହୋଇ ପଡ଼ିଥିଲେ ।

ସ୍ୱର୍ଣ୍ଣ·········

ଏଥର ସ୍ୱାମୀଙ୍କ ଡାକରେ ବହୁ କଷ୍ଟରେ ସ୍ୱର୍ଣ୍ଣପ୍ରଭା ଖୋଲେଣ ହୁଁ ଟିଏ ମାରିଲେ ଯାହା ।

କିପରି ଲାଗୁଛି ? ଡାକ୍ତରବାବୁ ପଚାରୁଛନ୍ତି ପରା ।

·· ······ସ୍ୱର୍ଣ୍ଣପ୍ରଭା ନୀରବ ରହିଲେ··········

ଶଙ୍କାକୁଳ ପ୍ରାଣରେ ରଜନୀକାନ୍ତବାବୁ ଆଉଥରେ ଡାକିଲେ । ତଥାପି ନୀରବ ରହିଲେ ସେ ।

ବିଚଳିତ ଭାବରେ ଡାକ୍ତରବାବୁ ଚମଡ଼ା ବ୍ୟାଗରୁ ଇଂଜେକ୍‌ସନ ସିରିଞ୍ଜି କାଢ଼ିଲେ ।

ପ୍ରାୟ ଅଧଘଣ୍ଟା ପରେ ସ୍ୱର୍ଣ୍ଣପ୍ରଭାଙ୍କର ଚେତନା ଫେରି ଆସିଲା । ସେ' ଆଖି ଖୋଲି ବେଦନା ବିଧୁର କଣ୍ଠରେ ରତ୍ନକାନ୍ତ ବାବୁଙ୍କୁ ଲକ୍ଷ୍ୟ କରି କହିଲେ । ଅଶୋକ ଯେପରି ମୋର ଅବ-ହେଳିତ ନ ହୁଏ । କଥା ପଦଟି ପାଟିରୁ ସରିଛି କି ନାହିଁ, ହଠାତ୍ ଏକ ହିକ୍କା ବାହାରି ଆସିଲା ତାଙ୍କର ହୃଦୟକୁ ବିଦାରିତ କରି । ସମସ୍ତେ ପ୍ରମାଦ ଗଣିଲେ········· । ସବିତାବାବୁ ତାଙ୍କର ହୃଦୟକୁ ପରୀକ୍ଷା କରି ଦେଖିଲେ ସ୍ୱର୍ଣ୍ଣପ୍ରଭା ଆଉ ଇହଧାମରେ ନାହାନ୍ତି । ମୁଖ ତାଙ୍କର ଶୁଖି ଶୁଖି ଆସିଲା । ରତ୍ନକାନ୍ତ ବାବୁ ଓ କୌମୁଦୀ ବାବୁଙ୍କର ନୟନରୁ ଝରୁଥାଏ ଶ୍ରାବଣର ଧାରା ।

ସ୍ୱାମୀଙ୍କ ନିକଟରେ କାରୁଣ୍ୟ ବୋଳା ଶେଷ ମିନତିଟି କରିବା ପାଇଁ ବୋଧହୁଏ ସ୍ୱର୍ଣ୍ଣପ୍ରଭା ନିମିଷକ ପାଇଁ ଚେତନା ଲାଭ କରିଥିଲେ ।

× × × ×

ଦୁନିଆଁର ବୁକୁ ଉପରେ ଝଞ୍ଜା ତା'ର ରୁଦ୍ର ଅଭିନୟ ରଚନା କରେ । ଆକାଶର ଶ୍ୟାମଳ ସୁଷମା ଉପରେ ପ୍ରାବୃଟ ବଧୂ ଟାଣିଦିଏ ଅସିତ ଅବଗୁଣ୍ଠନ । ବିଦ୍ୟୁତ ବିଦ୍ରୂପ ହସ ହସେ । କୁଳିଶର ମନ୍ଦ୍ରନାଦରେ ଆକାଶର ବୁକୁ ଫାଟି ପଡ଼େ । ଦିନ ଅପସରି ଯାଏ·········ପୁଣି ମେଘ—ମୁକ୍ତ ଆକାଶରେ ହସିଉଠେ ପୁନେଇଁର ଚନ୍ଦ୍ର ।

ରତ୍ନକାନ୍ତ ବାବୁଙ୍କର ହୃଦୟରେ ଯେଉଁ ଝଡ଼ ବହୁଥିଲା, ତାହା ଧୀରେ ଅପସରି ଗଲା । ସର୍ବଗୁଣସମ୍ପନ୍ନା ସୁନ୍ଦରୀ କନକମାଳାଙ୍କୁ ନେଇ ସେ ପୁଣି ତାଙ୍କର ଭଙ୍ଗା ସଂସାର ଗଢ଼ିବସିଲେ । ଜୀବନ ଗଗନରେ ପୁଣି ତାଙ୍କର ପୂର୍ଣ୍ଣିମାର ଚନ୍ଦ୍ର ହସି ଉଠିଲା ଖିଲି ଖିଲି ହୋଇ ।

ସ୍ୱର୍ଣ୍ଣପ୍ରଭା ଜୀବନର ଅନ୍ତିମ ମୁହୂର୍ତ୍ତରେ ରତିକାନ୍ତବାବୁଙ୍କୁ ଯେଉଁ ଅନୁରୋଧ କରିଥିଲେ, ତାହା ବିଫଳ ହେଲ ନାହିଁ । ସ୍ୱାମୀଙ୍କ ପରି କନମାକା ମଧ୍ୟ ଅଶୋକ ଉପରେ ହୃଦୟର ସମସ୍ତ ସ୍ନେହ ଶ୍ରଦ୍ଧା ଢାଳି ଦେଲେ । ସପତ୍ନୀ ପୁତ୍ର ଅଶୋକ ପ୍ରତି କନମାକାଙ୍କର ବାହ୍ୟିକ ମମତା ଦେଖି ରତିକାନ୍ତବାବୁ ମନେ ମନେ ଆତ୍ମପ୍ରସାଦ ଲଭ କଲେ ।

ଅଶୋକ କ୍ରମେ କନମାକାଙ୍କର ଅତି ଆପଣାର ହୋଇ ଉଠିଛି । ତାକୁ ମୁହୂର୍ତ୍ତେ କୋଳଚ୍ୟୁତ କରି ସେ ରହି ପାରନ୍ତି ନାହିଁ । ଏପରିକି ତାଙ୍କର ଦୈନନ୍ଦିନ କାର୍ଯ୍ୟରେ ଅଶୋକ ହୋଇ-ଉଠେ ଏକ ବିରାଟ ପ୍ରତିବନ୍ଧକ । କେଉଁ ଦେବତାର ଅଭିଶାପ-ଫଳରେ ଅଶୋକ ସ୍ୱର୍ଣ୍ଣପ୍ରଭାଙ୍କର ଗର୍ଭରେ ସ୍ଥାନ ପାଇଥିଲା କିନା, ନଇଲେ ସେ କନମାକାଙ୍କର ଜନ୍ମିତ ସନ୍ତାନ ଯେପରି !

ଅଶୋକର କୌଣସି ଥିରେ ଯେପରି କିଛି ଅସୁବିଧା ନହୁଏ ଏଥିପାଇଁ କନମାକା ଅତି ଯତ୍ନଶୀଳା । ଆଜି ଅଶୋକ ପାଇଁ ସିଲ୍କ କନାର ସୁଟ୍ ବରାଦ ହୁଅ । ଅଶୋକର ଯୋତା ଛିଣ୍ଡି ଗଲଣି, ହଲେ ଫେସନ୍‌ଏବ୍‌ଲ ଫୁଲ ସୁଜ ଦେଖି ଆଣିବ । ଆଜି ଅଶୋକ ପେଟ ପୂରାଇ ଖାଇନ, ତା ପାଇଁ କମଲାଭୋଗ ଆଉ ରାଜଭୋଗ ଆଣିବାକୁ ଯେପରି ନ ଭୁଲ । କନମାକାଙ୍କର ମୁହଁରୁ ପ୍ରତ୍ୟହ ଏହିପରି କିଛି ନା କିଛି ରତିକାନ୍ତ ବାବୁଙ୍କୁ ଶୁଣିବାକୁ ପଡ଼େ । ସେ ଆନନ୍ଦରେ ଆତ୍ମବିହ୍ୱଳ ହୋଇ ଉଠନ୍ତି—ସତେ ଯେପରି ତାଙ୍କର କଳ୍ପିତ ସ୍ୱପ୍ନକୁ ସେ ପାଇଛନ୍ତି ହାତ ମୁଠାରେ ।

ଚନ୍ଦ୍ରକଳା ପରି ଦିନକୁ ଦିନ ବଢ଼ିବାକୁ ଲାଗେ ଅଶୋକ । ତାର ପ୍ରତି ଅଙ୍ଗ ପ୍ରତ୍ୟଙ୍ଗରେ ଫୁଟି ଉଠେ କିଶୋର ସୁଲଭ ପ୍ରକୃତି

ସୁରଭିତ ଗୋଲାପ କଳିକାଟି ଫୁଟିବାକୁ ଆରମ୍ଭ କଲେ ଯେପରି ତାର ଦିଗନ୍ତବ୍ୟାପୀ ସୌରଭରେ ପ୍ରାଣୀ ଆତ୍ମହରା ହୋଇଯାଏ, ସେହିପରି ଅଶୋକର ସୁଶୀଳ ଆଚରଣ ତାର ପାରିପାର୍ଶ୍ୱିକ ସମସ୍ତ ବ୍ୟକ୍ତିଙ୍କୁ ମୁଗ୍‌ଧ କରିବାକୁ ଲାଗେ । ଅଧ୍ୟୟନ ପ୍ରତି ତାର ବିରାଟ ଆକାଙ୍‌କ୍ଷା ପରିଲକ୍ଷିତ ହୁଏ ଓ ନିଜର ଅସାଧାରଣ ପ୍ରତିଭା ବଳରେ ସେ ତାର ଶିକ୍ଷକ ତଥା ଅନ୍ୟାନ୍ୟ ବିଜ୍ଞ ବ୍ୟକ୍ତିମାନଙ୍କର ଦୃଷ୍ଟି ଅଚିରେ ଆକର୍ଷଣ କରିପାରେ । ଜନନୀକା ଓ ରତିକାନ୍ତ ବାବୁ ତାର ଉଜଳ ଭବିଷ୍ୟତ କଥା ଭାବି ଆନନ୍ଦରେ ଆତ୍ମହରା ହେବା ସଙ୍ଗେ ସଙ୍ଗେ ଗୌରବାନ୍ୱିତ ହୁଅନ୍ତି ମଧ୍ୟ ।

× × ×

ଦିନ ପରେ ଦିନ ମାସ ପରେ ମାସ ପୃଥିବୀ ପୃଷ୍ଠରେ ଅଭିନୟ କରି ପୁଣି ଫେରି ଯାନ୍ତି । ପରିବର୍ତ୍ତନଶୀଳ ଦୁନିଆଁରେ କେତେ କଣ ଓଲଟ ପାଲଟ ହୋଇଯାଏ·········

ଅଶୋକ ଆଉ ଶିଶୁ ହୋଇ ନାହିଁ— ବର୍ତ୍ତମାନ ଏଗାର ବର୍ଷର କିଶୋର; ନବମ ଶ୍ରେଣୀର ଏକ ଉଦ୍ଦୀୟମାନ ଛାତ୍ର । ଶିକ୍ଷକମାନଙ୍କର ଗଭୀର ସ୍ନେହ ଦୃଷ୍ଟି ଆକର୍ଷଣ କରି ପାରିଛି ସେ ।

···ରତିକାନ୍ତ ବାବୁଙ୍କର ଏହା ମଧ୍ୟରେ କେତେକ ପାରି-ବାରିକ ପରିବର୍ତ୍ତନ ହୋଇ ଯାଇଛି । ଦୁଇ ବର୍ଷର ଶିଶୁ ପୁଷ୍ପ ମାହାର ଆଜି ଜନନୀକାଙ୍କର କୋଳରେ ହସୁଛି । ମାହାରର ଆବିର୍ଭାବରେ ଆଜି ରତିକାନ୍ତ ବାବୁଙ୍କ ପରିବାରଟି ଅଧିକତର ଉପଭୋଗ୍ୟ ହୋଇ ଉଠିବାର କଥା । କିନ୍ତୁ ତା ହୋଇନି, ବରଂ

ତାଙ୍କର ପାରିବାରିକ ମାଧୁର୍ଯ୍ୟ ମଧ୍ୟରେ ଦେଖା ଦେଇଛି ଏକ ଅସ୍ପଷ୍ଟ ତିକ୍ତତା ଏବଂ ତାହା କ୍ରମେ ସୁସ୍ପଷ୍ଟ ହୋଇ ଉଠୁଛି ।

ନୀହାରର ଆବିର୍ଭାବରେ କେଜାଣି କାହିଁକି ଅଶୋକ ପ୍ରତି କନମାକାଙ୍କର ଅବହେଳା ପରିଲକ୍ଷିତ ହୁଏ । ତା ପ୍ରତି ତାଙ୍କର ପୂର୍ବ ସ୍ନେହ ଓ ଶ୍ରଦ୍ଧା ତୁଟି ଆସିବା ପରି ଜଣାପଡ଼େ । ସେ ଆଜି ରତିକାନ୍ତ ବାବୁଙ୍କ ନିକଟରେ ଅଶୋକ ପାଇଁ ସିଲ୍କ ସୁଟ୍, ରାଜଭୋଗ ବା କମଳାଭୋଗର ବରାଦ କରନ୍ତି ନାହିଁ । ତା ବୋଲି ତାଙ୍କର ହୃଦୟରୁ ଯେ ବାତ୍ସଲ୍ୟ ଅପସରି ଯାଇଛି, ତା, ନୁହେଁ; କିନ୍ତୁ ସେଥିରେ ସେ ନୀହାର ଛଡ଼ା ଅଶୋକକୁ ଭାଗୀ କରାଇବାକୁ କୁଣ୍ଠିତ ଯେପରି ।

ଯେଉଁ ବର୍ଷାସିକ୍ତ ମୃତ୍ତିକା କୋଳରେ ସଜୀବ ଉଦ୍ଭିଦ ଜନ୍ମଲାଭ କରି ହସି ହସି ବୃଦ୍ଧି ପାଏ, ସେହି ମୃତ୍ତିକା ପୁଣି ନିଦାଘର ତାଡ଼ନାରେ ହୋଇଉଠେ ରୁକ୍ଷ । ତହିଁରେ ଦୁବଘାସ ମଧ୍ୟ କଅଁଳେ ନାହିଁ । ସାଗର ବକ୍ଷର ଉତ୍ତାଳ ଜୁଆର ପୁଣି ଭଟ୍ଟାରେ ପରିଣତ ହୁଏ । କନମାକାଙ୍କର ଅଶୋକ ପ୍ରତି ଅବହେଳା କ୍ରମେ ରୁକ୍ଷତାରେ ପରିଣତ ହେବାରେ ଅସ୍ୱାଭାବିକତା କେଉଁଠି ?

………ନୀହାରର ଆସିଲା କୈଶୋର । ଶିଶୁ ସ୍ନେହ ଆବିଳତାଠାରୁ ବହୁ ଦୂରରେ ……।

………ଗୁପ୍ପୁ ଆଜି କାପ୍ପୁ—ଅଶୋକ ଆଜି ନୀହାର ।

କନମାକା ଏ ସବୁ ସହି ପାରନ୍ତି ନାହିଁ । କେଜାଣି କାହିଁକି ଦୁଇଭାଇଙ୍କର ନିବିଡ଼ ସମ୍ପର୍କ ଅଶୋକ ପ୍ରତି ତାଙ୍କର ରୁକ୍ଷ ଭାବକୁ ସମ ପରିମାଣରେ ବୃଦ୍ଧି କରେ । ସେ ନୀହାରକୁ ଅଶୋକ ସହିତ

କୌଣସି ସମ୍ପର୍କ ନ ରଖିବା ପାଇଁ ବାରମ୍ବାର ତାଗିଦା କରନ୍ତି । କିନ୍ତୁ ଦୁଇଟି ସ୍ନେହ ପ୍ରବଣ ହୃଦୟକୁ ଅଲଗା କରିଦେବା କ'ଣ ଏତେ ସହଜ ?

ରତିକାନ୍ତ ବାବୁ କନକଲତାଙ୍କର ଏ ହଠାତ ପରିବର୍ତ୍ତନକୁ ଏତେ ସହଜରେ ବିଶ୍ୱାସ କରି ପାରନ୍ତି ନାହିଁ—

ଦିନପରେ ଦିନ ଗଡ଼ି ଯାଏ । କ୍ରମେ କନକଲତାଙ୍କର ବ୍ୟବହାର ଅଶୋକ ପକ୍ଷେ ଅସହ୍ୟ ହୁଏ । ମାହାର ସମବେଦନାର ଅଶ୍ରୁ ଝରାଇବା ସଙ୍ଗେ ସଙ୍ଗେ କନକଲତାଙ୍କ ପ୍ରତି ମନେ ମନେ ବିଦ୍ରୋହୀ ହୋଇଉଠେ । ପୂର୍ବେ ଯେଉଁ ପରିବାରଟି ଥିଲା ଶାନ୍ତ, ମଧୁର ଆଉ ନିର୍ମଳ, ତାହା ଆଜି ବିଭିଷ ତିକ୍ତ ଓ ପଙ୍କିଳ ।

ଦିନକର କଥା—ରତିକାନ୍ତ ବାବୁ ଅଶୋକର ଭବିଷ୍ୟତ ନେଇ ଗଭୀର ଚିନ୍ତାରେ ନିମଗ୍ନ ଥାନ୍ତି । ଜୀବନର ଝଡ଼ ଝଞ୍ଜା ମଧ୍ୟରେ ପ୍ରତିଭା ବିକାଶ ଅସମ୍ଭବ ହୁଏ । ବିମାତାଙ୍କ ରୁକ୍ଷ ବ୍ୟବହାର ଅଶୋକର ଉଜ୍ଜ୍ୱଳ ଭବିଷ୍ୟତର ଏକ ପ୍ରଧାନ ଅନ୍ତରାୟ ହୋଇପାରେ; ଏହି ଆଶଙ୍କାରେ ମନ ତାଙ୍କର ବିଚଳିତ ହୋଇ ଉଠୁଥାଏ । ତା' ସଙ୍ଗେ ସଙ୍ଗେ ବିଗତ ଜୀବନର ସମସ୍ତ ଘଟଣା ତାଙ୍କର ମାନସପଟରେ ଏକ ପରେ ଏକ ଉଦୟ ହୋଇ ପୁଣି ଅପସରି ଯାଏ । ସେ ଭାବି ଚାଲିଥାନ୍ତି, ସ୍ୱର୍ଣ୍ଣପ୍ରଭାଙ୍କର ସେ ଦିନର ରୋଗ ପାଣ୍ଡୁର ମୁଖମଣ୍ଡଳ; ଦୀପ୍ତିହୀନ ନୟନର ମିନତିପୂର୍ଣ୍ଣ ଚାହାଣି, ଆଉ କ୍ଷୀଣ କଣ୍ଠର ସକରୁଣ ନିବେଦନ, ଅଶୋକ ଯେପରି ମୋ'ର ଅବହେଳିତ ନ ହୁଏ । କିନ୍ତୁ ଆଜି ହୋଇଛି କ'ଣ ? ରତିକାନ୍ତ ବାବୁଙ୍କର ମାନସ ମୁକୁରରେ ଦେଖା ଦେଲା ପ୍ରଶ୍ନ ବାଚୀର ପ୍ରତିବିମ୍ବ । ଅଜ୍ଞାତସାରରେ ତାଙ୍କର ନୟନ ଯୁଗଳରୁ ଝରି

ପଡ଼ିଲା ଦୁଇଧାର ଲୁହ । ସେ ଆଖି ପୋଛୁ ପୋଛୁ ଆଉ ଘରୁ ଶୁଣି ପାରିଲେ ଜନମାଙ୍କର ରୁକ୍ଷ ଗର୍ଜନ ଆଉ ତା' ସାଥେ ସାଥେ ଅଶୋକର ଲବଣୀ କୋମଳ ତନୁ ଉପରେ ତାଙ୍କର ହସ୍ତର ଚପେଟାଘାତ ।

ଦରଦ୍ଧତ ହୃଦୟ ଧରି ସେ ଉଠିଗଲେ ଆଉ ଘରକୁ । ଦେଖିଲେ ଜନମାଙ୍କର ଗୋଲଣା ଉପରେ କାଳି ଦୁଇବିନ୍ଦୁ ମାତ୍ର ଢାଳି ହୋଇ ଯାଇଛି । ଏହାହିଁ ଅଶୋକର ଅପରାଧ । ରତିକାନ୍ତ ବାବୁଙ୍କୁ ବୁଝିବାକୁ ମୁହୂର୍ତ୍ତେ ମାତ୍ର ଲାଗିଲା ନାହିଁ । ସେ କ୍ଷୀଣ କଣ୍ଠରେ ଡାକିଲେ, ମାଇ......ସ୍ୱରରେ ତାଙ୍କର ଭରି ରହିଥିଲା ବ୍ୟାକୁଳତା ।

ଜନମାଇ ଗର୍ଜି ଉଠିଲେ, ପିଲାମାନଙ୍କର ଏପରି ଔଦ୍ଧତ୍ୟ ମୁଁ ସହିପାରେ ନାହିଁ । ତାଙ୍କର ନିଃଶ୍ୱାସ ପ୍ରଶ୍ୱାସ କ୍ଷିପ୍ର ଗତିରେ ବହି ଚାଲିଥିଲା । ରତିକାନ୍ତବାବୁ ମୀରବରେ ଭୟଭୀତ ଅଶୋକ ପ୍ରତି ସକରୁଣ ଦୃଷ୍ଟିପାତ କରୁଥିଲେ । ଜନମାଇ ଆଉ କଣ ହୁଏତ କହିଥାନ୍ତେ, କିନ୍ତୁ ରତିକାନ୍ତ ବାବୁ ଅଶୋକକୁ କୋଳକୁ ଟେକିନେଇ ଚାଲିଗଲେ ବାହାର ଘରକୁ । ଜନମାଇ ସ୍ୱାମୀଙ୍କ ପ୍ରତି ଅସ୍ପଷ୍ଟ ସ୍ୱରରେ ବ୍ୟଙ୍ଗାତ୍ମକ ଗାଳି ବର୍ଷଣ କରିବାକୁ ଲାଗିଲେ ।

ଅଶୋକକୁ ବୋଧ ଦେଇ ରତିକାନ୍ତବାବୁ ତାର ଲୁହପୋଛି ଦେଉଛନ୍ତି । କିନ୍ତୁ ମାତ୍ର ନିଜ ଆଖିର ଲୁହରେ ଜନମାଙ୍କର ସମସ୍ତ କଳୁଷ ଧୋଇ ଦେବାକୁ ଚାହେଁ ଯେପରି ! ଆଖିରୁ ଲୁହ ପୋଛିବାର ପ୍ରଚେଷ୍ଟା ତାର ନାହିଁ ।

ଆଉଦିନେ.........

ଛୁଟିଥିଲେ ମଧ୍ୟ କୌଣସି ଏକ ଜରୁରୀ କାମନେଇ ରତ୍ନକାନ୍ତ ବାବୁ ଯାଇଥାନ୍ତି କଲେଜକୁ । ଗୋଟିଏ ନିଭୃତ ପ୍ରକୋଷ୍ଠ ମଧ୍ୟରେ ବସି ଅଶୋକ ଗଣିତ କଷିବାରେ ବ୍ୟସ୍ତ ଥାଏ । ମିହାର ହସ ହସ ହୋଇ ଆସି ପହଞ୍ଚିଲା ତା'ର ପାଖରେ । ହାତରେ ଏକ କାଗଜ ଠୁଙ୍ଗା ।

ଭାଇ, ଆଁ କର ଟିକିଏ ! ଶିଶୁ ସୁଲଭତାରେ କହିଲା ସେ ।

ଅଶୋକ ଅଙ୍କ ଖାତା ଉପରୁ ଦୃଷ୍ଟି ଫେରାଇ ଦେଖିଲା, ମିହାର କ୍ଷୀରମୋହନଟିଏ ତା'ର ମୁହଁ ଆଡ଼କୁ ବଢ଼ାଇ ଅପେକ୍ଷା କରି ରହିଛି । ଈଷତ୍ ହସି ସ୍ନେହରେ ମିହାରକୁ କୋଳକୁ ଟାଣି ନେଇ କହିଲା ସେ, ସାର୍ କହିଛନ୍ତି ଆଜି ଏହି ଉଦାହରଣ ମାଳାଟା ମତେ ଯେ କୌଣସି ପ୍ରକାରେ ସାରିବାକୁ ହେବ, ଆଉ ତୁ ଏପରି ଗୋଳମାଳ କଲେ ଚଳିବ ?

ଉହୁଁ, ମୁଁ ଗୋଳମାଳ କରୁନି ଯେ..........ଏହି ଗୋଟାକ ଖାଇଦେଲେ ମିଜାଜ ଠିକ୍ ହୋଇଯିବ—ପାଠରେ ମନ ଲାଗିବ । ଶିଶୁସୁଲଭ ଚପଳତାରେ କହିଲା ମିହାର ।

ଆଗୁ ମୁଁ ପରେ ଖାଇବି, ରଖିଥା—ଟିକିଏ ବିବ୍ରତ ହୋଇ କହିଲା ଅଶୋକ ।

ନା-ନା, ତା' ହେବନି; ମୋ' ରାଣ, ତୁମେ ଆଁ କର । ମିହାର ଏକଜିଦ୍ ଧରି ବସିଲା । ଅଶୋକ ଶେଷକୁ ବାଧ୍ୟ ହୋଇ ଆଁ କଲା ଆଉ ଜିଦ୍ ଖୋର ମିହାର ଗୋଟି ଗୋଟି କରି ତିନୋଟି କ୍ଷୀରମୋହନ ଦେଲା ତାର ପାଟିରେ । ସେଇଟି ଅଶୋକ ଟିକ୍ ଢୋକିବାକୁ ଆରମ୍ଭ କରିଛି, ଜନମାକାଙ୍କର ନିଷ୍ଠୁର ଆଖି

ଦୁର୍ଘଟଣା ପଡ଼ିଲା ତା’ ଉପରେ । ସେ’ ସୁହାଣିରେ କ’ଣ ଥିଲା କେଜାଣି କ୍ଷୀରମୋହନଟି ଅଶୋକର ପାକସ୍ଥଳୀ ପର୍ଯ୍ୟନ୍ତ ଯାଇ ପାରିଲା ନାହିଁ । ଲାଳ ସରସର ହୋଇ ପଡ଼ିଲା ତଳେ । ମାହାରର ଅନ୍ତର କନମାକାଙ୍କ ପ୍ରତି ଘୃଣାରେ ପରିପୂର୍ଣ୍ଣ ହୋଇ ଉଠିଲା । କିନ୍ତୁ ତାଙ୍କର ସେ ଭୟଙ୍କର ମୂର୍ତ୍ତି ନିକଟରେ ପ୍ରତିବାଦ କରିବାକୁ ସାହାସ ନଥିଲା ତା’ର । କନମାକା ରାଗରେ ମାହାରର ଦୁଇହାତ ଧରି ସେଠାରୁ ଉଠାଇ ନେଲେ । ଅଶୋକର ଗଣ୍ଡ ଓଦା ହୋଇ ଆସୁଥିଲା ଲୁହରେ ।

ଅଶୋକ ପ୍ରତି କନମାକାଙ୍କର ଏପରି ଦୁର୍ବ୍ୟବହାର ଦେଖି-ବାକୁ ରତିକାନ୍ତ ବାବୁଙ୍କର ଆଉ ଧୈର୍ଯ୍ୟ ନଥିଲା । ଘାତ ପ୍ରତିଘାତ ଶିଶୁ ପ୍ରତିଭା ବିକାଶର ଅନ୍ତରାୟ—ଏହା ସେ ବୁଝିଛନ୍ତି । କୌମୁଦୀ ବାବୁ ମଧ ତାଙ୍କୁ ବହୁଦିନୁ ଏହି କଥା କହି ଆସୁଛନ୍ତି ଓ ଅଶୋକକୁ ନିଜ ପାଖରେ ରଖି ତା’ର ପଢ଼ାପଢ଼ିର ସମସ୍ତ ଭାର ବହନ କରିବା ପାଇଁ ସ୍ୱୀକୃତ ହୋଇଛନ୍ତି । କିନ୍ତୁ ରତିକାନ୍ତବାବୁ ଏ ପର୍ଯ୍ୟନ୍ତ ତାଙ୍କର ପ୍ରସ୍ତାବକୁ ସମର୍ଥନ କରୁ ନ ଥିଲେ । ମାତ୍ର ଆଜି ଅନ୍ୟ ଉପାୟ ନ ଦେଖି ନିଜର ସମ୍ମତି ପ୍ରକାଶ କରି ତାଙ୍କ ପାଖକୁ ଚିଠି ଲେଖିବାକୁ ବାଧ ହେଲେ । ଦୁଇଦିନ ପରେ କୌମୁଦୀ ବାବୁ ଆସି ଅଶୋକକୁ ନେଇଗଲେ । ଲୁହାଦ୍ର ନୟନରେ ତାକୁ ବିଦାୟ ଦେଲା ମାହାର । ଅଶୋକର ଅନୁପସ୍ଥିତିରେ ରତିକାନ୍ତବାବୁଙ୍କର ହୃଦୟ ବ୍ୟଥିତ ହୋଇ ଉଠିଲା ସତ, କିନ୍ତୁ ସେହି ବ୍ୟଥାତଳେ ସେ ଆନନ୍ଦର ଆଶ୍ୱାସ ପାଇଲେ । ନାସିକାରୁ ତାଙ୍କର ବାହାରି ପଡ଼ିଲା ଏକ ସ୍ୱସ୍ତିର ଦୀର୍ଘ ଶ୍ୱାସ ।

× × ×

କେତୋଟି ବର୍ଷ ବିତି ଯାଇଛି । ମାମୁଁ ଘରେ ରହି ଅଶୋକ କୃତିତ୍ୱର ସହିତ ମାଟ୍ରିକ୍ ପାସ କରି ସାରିଛି । ସେ ବର୍ତ୍ତମାନ କଟକ ରେଭେନ୍ସା କଲେଜର ଦ୍ୱିତୀୟ ବାର୍ଷିକ କଳାଛାତ୍ର ।

ସୁଦୂର କଟକରେ ରହି ମନ୍ଦାରକୁ ଭୁଲି ପାରେନାହିଁ ଅଶୋକ । ମନ୍ଦାରର ସ୍ନେହ ଓ ତୃଷା ପ୍ରାଣକୁ ତା'ର ସବୁବେଳେ ବିଚଳିତ କରେ । କଲେଜ ଛୁଟି ହେଲେ ସେ ବିମାତାଙ୍କର ରୁକ୍ଷ ବ୍ୟବହାର ଭୁଲି ଗୃହାଭିମୁଖୀ ହୁଏ । ଘରେ ପହଞ୍ଚିବାକ୍ଷଣି ମନ୍ଦାର ଆନନ୍ଦରେ ଆତ୍ମହରା ହୋଇ ଆସି କୁଣ୍ଢାଇ ପକାଏ ତାକୁ । ଅଶୋକର ଉପସ୍ଥିତିରେ ଦିନ ଗୁଡ଼ିକ ତା'ର ଅତି ମଧୁମୟ ହୋଇଉଠେ । କନ୍ନମୀକାଙ୍କର କୌଣସି ପରିବର୍ତ୍ତନ ପରିଲକ୍ଷିତ ହୁଏନାହିଁ । ଦୁଇ ତିନଦିନ ବିତିଯାଏ—ଅଶୋକର ମନେପଡ଼େ ମାମୁଁଙ୍କର ତାଗିଦା—ଶୀଘ୍ର ଫେରି ଆସିବୁ, ବେଶି ଦିନ ରହିବୁ ନାହିଁ । କଟକ ଫେରିଯିବା ପାଇଁ ପ୍ରସ୍ତୁତ ହୋଇପଡ଼େ ସେ । ଆଖିରୁ ଲୁହ ଢ଼ାଳି ମନ୍ଦାର ତାକୁ ବିଦାୟ ଦେଲାବେଳେ ମନେମନେ କହେ, ହେ ପ୍ରଭୁ, ଭାଇକୁ ମୋ'ର ମଣିଷ କର । ଏହିପରି ଦିନ ପରେ ଦିନ ଗଡ଼ିଯାଏ ।

ସେ ଦିନ ହୋଇଥାଏ ବର୍ଷା ମୁଖର ପ୍ରଭାତ । ଆକାଶରେ ଘୋଟି ରହିଥାଏ ଘନ କଳା ବାଦଲ । ରତିକାନ୍ତବାବୁ ଡ୍ରଇଂ ରୁମରେ ବସି ଚା କପ୍‌ରେ ମୁହଁ ଲଗାଇ ଥାନ୍ତି । ଏହି ସମୟରେ ଡାକବାଲା ଗୋଟିଏ ଟେଲିଗ୍ରାମ ଆଣି ଦେଇଗଲା । ଅତି ଉଦ୍‌ବେଗ ମନରେ ରତିକାନ୍ତ ବାବୁ ଟେଲିଗ୍ରାମଟି ଫିଟାଇ ପଢ଼ିଲେ । ଚକ୍ଷୁ ତାଙ୍କର ନିଷ୍ପ୍ରଭ ହୋଇ ଆସିଲା । ମୁହଁଟା ସାରା ଆବରଣ କରି-ନେଲା ବିଷାଦର କାଳିମା । ହାତରୁ ଚା କପ୍‌ଟା ତଳେପଡ଼ି ଖଣ୍ଡ ଖଣ୍ଡ

ହୋଇଗଲା । ସେ ବିଚଳିତ ମନରେ ବର୍ଷାର ରୁଦ୍ରତାକୁ ଭ୍ରୂକ୍ଷେପ ନ କରି ବାହାରି ପଡ଼ିଲେ କଟକ ଅଭିମୁଖେ ।

ବର୍ଷଣାତୁର ପ୍ରଭାତରେ ଏପରି ଅସ୍ୱାଭାବିକ ଭାବେ ରତିକାନ୍ତବାବୁଙ୍କୁ କେଉଁଆଡ଼େ ଚାଲିଯିବାର ଦେଖି କନନୀକା ମନେମନେ ବିସ୍ମିତ ହେଲେ । ଶଙ୍କାକୁଳ ପ୍ରାଣରେ ସେ ଧୀରେ ଧୀରେ ଡ୍ରଇଂ ରୁମ ମଧ୍ୟକୁ ପ୍ରବେଶ କଲେ । ଖଣ୍ଡ ବିଖଣ୍ଡ ହୋଇ ପଡ଼ିଥିବା ଗ୍ଲ କପ୍‌ଟା ଦେଖି ତାଙ୍କ ମନର ସନ୍ଦେହ ଆହୁରି ଘନୀଭୂତ ହୋଇ ଉଠିଲା । ଟେବୁଲ ଉପରେ ରଖା ହୋଇଥିବା ଖାମ୍‌ଟିକୁ ପ୍ରଶ୍ନବାଚୀ ନୟନରେ ଖୋଲି ପଢ଼ିଲେ ସେ । ଲେଖା ଅଛି, Ashok at hospital, come soon. କିଛିକ୍ଷଣପାଇଁ ନୀରବରେ ଠିଆ ହୋଇ ରହିଲେ କନନୀକା । ଅନ୍ତର ମଧ୍ୟରେ ତାଙ୍କର ବହୁଥିଲା ଝଡ଼ । ଏତେଦିନ ଧରି ଲିଭି ଯାଇଥିବା ଅନ୍ତରର ପ୍ରଦୀପଟି ତାଙ୍କର କେଜାଣି କାହିଁକି ଆଜିପୁଣି ଜଳି ଉଠିଲା । ନୟନରୁ ଦୁଇଧାର ଲୁହ ବହି ଗଣ୍ଡ ମଣ୍ଡଳକୁ ତାଙ୍କର ଆର୍ଦ୍ର କରିଦେଲା । ଘରର ଚାକରକୁ ସଙ୍ଗରେ ନେଇ ସେ ତତ୍‌କ୍ଷଣାତ୍ କଟକ ଉଦ୍ଦେଶ୍ୟରେ ବାହାରି ପଡ଼ିଲେ । ନୀହାରକୁ ଏ ସବୁ ବିଷୟରେ କିଛି ଜଣାଇବାକୁ ସେ ଉଚିତ ମନେକଲେ ନାହିଁ ।

ବର୍ଷା ପାଗରେ ବାପା ଓ ବୋଉଙ୍କର ଏଭଳି ଅସ୍ୱାଭାବିକ ଗତି ଦେଖି ନୀହାରର ମନରେ କେତେ କଣ ସନ୍ଦେହ ଉଙ୍କିମାରି ଉଠିଲା । ଅସରନ୍ତ ଭାବନାରେ ଚିତ୍ତ ତାର ଚଞ୍ଚଳ ହୋଇ ପଡ଼ିଲା । ଘଣ୍ଟାପରେ ଘଣ୍ଟା ଗଡ଼ି ଚାଲିଲା, ତାର ଭାବନା ସରିଲା ନାହିଁ । ସେ ଯୁଆଡ଼େ ଚାହିଁଲା ଜଣାଗଲା ସତେ ଯେପରି କିଏ ଖ୍ୱା ଖାଁ କରି ତାକୁ ବିଦ୍ରୂପ କରୁଛି । ନୀରବ ଓ ନିଶ୍ଚଳ ହୋଇ ସେ ଖାଲି ଭାବିବାକୁ ଲାଗିଲା ।

କଟକ ହସ୍ପିଟାଲ୍‌ର ଏକ ନିଭୃତ କୋଠରୀ ମଧ୍ୟରେ ଶାୟିତ ରୁଗ୍ଣ ଅଶୋକ । ଅସ୍ଥି କଙ୍କାଳସାର ପିଣ୍ଡରୁ ତା'ର ପ୍ରାଣ ବାୟୁ ଟିକକ ଘୁଡ଼ଘୁଡ଼ ଆସୁଛି । ଜଣେ ସର୍ଜନ ତାର ଚିକିତ୍ସାରେ ବ୍ୟସ୍ତ । ପାଖରେ ରତ୍ନକାନ୍ତବାବୁ ଓ କୌମୁଦୀବାବୁ ହୃଦୟରେ ଶତ ସହସ୍ର ଚିନ୍ତା ବହନ କରି ଉପବିଷ୍ଟ ।

ରତ୍ନକାନ୍ତ ବାବୁଙ୍କର ମନେ ପଡ଼ିଲା କେତେବର୍ଷ ତଳର ଘଟଣା । ସେଦିନ ସ୍ୱର୍ଣ୍ଣପ୍ରଭାଙ୍କର ଏହିଭଳି ରୋଗ-ପାଣ୍ଡୁର ମୁଖ ଓ କରୁଣ ଚାହାଣି...... । କେତେ ଅମଙ୍ଗଳ ଆଶଙ୍କା ଆସି ତାଙ୍କର ମୁଣ୍ଡରେ ଜମାଟ ବାନ୍ଧେ । ସେ ଚମକି ଉଠନ୍ତି । ହାତ ଘଡ଼ିଟି ତାଙ୍କର ଟିକ୍‌ଟିକ୍ ଶବ୍ଦକରି ଆଗେଇ ଚାଲିଥାଏ ।

ପନ୍ଦର ମିନିଟ୍ ବିତିଗଲା । ଅଶୋକ ଚାହିଁକି ଉଠିଲା । ଜଣା ପଡ଼ିଲା ସତେ ଯେପରି ସେ କାହାକୁ ଖୋଜୁଛି । କିନ୍ତୁ ଖୋଜିଲା ପଦାର୍ଥ ତାର ଥିଲା ତା ଠାରୁ ବହୁତ ଦୂରରେ । ନିରାଶ ହେଲା ସେ । ସର୍ଜନଙ୍କର ସମସ୍ତ ଚେଷ୍ଟା ବିଫଳ କରି ଶେଷ ନିଶ୍ୱାସ ଟିକକ ତାର ଶୂନ୍ୟରେ ମିଳାଇ ଗଲା । କୌମୁଦୀ ବାବୁ ପାଗଳ ପ୍ରାୟ ବାହାରକୁ ଉଠି ଆସିଲେ । ରତ୍ନକାନ୍ତ ବାବୁ ତାର ମୃତ ଶରୀର ଉପରେ ନିଜର ଦେହ ଢ଼ାଳି ଦେଇ ଆକୁଳ ହୃଦୟରେ ଅଶ୍ରୁ ଝରାଇଲେ ।

ଶୋକର ଜୁଆର ମଧ୍ୟରେ କନମାକାଙ୍କର ଆକସ୍ମିକ ଆବିର୍ଭାବ ସମସ୍ତଙ୍କୁ ବିସ୍ମିତ କଲା । ରତ୍ନକାନ୍ତବାବୁ ଦରଦଭରା କଣ୍ଠରେ କନମାକାଙ୍କୁ ଲକ୍ଷ୍ୟକରି କହିଲେ, ଆଜି କଣ ଦେଖିବାକୁ ଆସିଛ ତୁମେ ? ସବୁ ସରି ଯାଇଛି । କଣ୍ଠ ତାଙ୍କର ରୁଦ୍ଧ ହୋଇ ଆସିଲା । ଟିକିଏ ରହି ପୁଣି ସେ ଆରମ୍ଭ କଲେ, ଅନ୍ତରର ଅମୃତ ବିନ୍ଦୁ ଟିକକ ତୁମେ ପୁଣି ଦିନେ ନା ଦିନେ ଅଶୋକ ପ୍ରତି ଉତ୍ସର୍ଗ

କରିଦେବ, ଏ ବିଶ୍ୱାସ ମୋର ଥିଲା । କିନ୍ତୁ ହାୟ, ତା ପୂର୍ବରୁ ସେ ଆଜି ଶାନ୍ତିମୟ ସ୍ୱର୍ଗପ୍ରଭୁଙ୍କର କୋଳକୁ ଚାଲି ଯାଇଛି । ପୁଣି ଅଶୋକର ମୃତ ଦେହ ଉପରେ ଶରୀର ଢ଼ାଳି ଦେଲେ ସେ । ଅଶ୍ରୁ ଧୌତ ମୁଖରେ କନକଲତା ଅଶୋକର ମୃତ୍ୟୁ-ପାଣ୍ଡୁର ଗଣ୍ଡଦେଶରେ ଆଙ୍କିଦେଲେ ଏକ ସସ୍ନେହ ଚୁମ୍ବନ । ତୃଷିତ ଆତ୍ମା ତାଙ୍କର ସେଇଥିରେ ଯତ୍‌କିଞ୍ଚିତ୍ ତୃପ୍ତି ଲାଭ କଲା । ପର ମୁହୂର୍ତ୍ତରେ ଜଣେ ନର୍ସ ମୃତ ଦେହ ସାରା ଢ଼ାଙ୍କି ଦେଲା ଗୋଟାଏ କୃଷ୍ଣବସ୍ତ୍ର ।

× × ×

ଠିକ ସେହି ମୁହୂର୍ତ୍ତରେ—

ମାହାର ତାର ପାରିପାର୍ଶ୍ୱିକ ପ୍ରତ୍ୟେକ କ୍ଷେତ୍ରରେ ଲକ୍ଷ୍ୟ କରୁଥିଲା ଅମଙ୍ଗଳର ସୂଚନା । ନାନା ପ୍ରକାର ଦୁଶ୍ଚିନ୍ତାରେ ମନ ତାର ଭାରାକ୍ରାନ୍ତ ହୋଇ ଉଠୁଥିଲା । ବାମ ଚକ୍ଷୁର ପ୍ରାନ୍ତ ଭାଗରେ ସେ କିଞ୍ଚିତ୍ ସ୍ପନ୍ଦନ ଅନୁଭବ କରୁଥିଲା ମଧ୍ୟ ।

ମୁଦ୍ରାକର—ଶ୍ରୀ ନରେନ୍ଦ୍ର ଚନ୍ଦ୍ର ପ୍ରଧାନ, ଜ୍ୟୋତି ପ୍ରେସ, କଟକ—୨